EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୪ | ସଂଖ୍ୟା-୩୩ | ୩୧ ଅଗଷ୍ଟ - ୦୬ ସେପ୍ଟେମ୍ବର, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-33 | 31st AUGUST- 06th SEPTEMBER, 2020 | BHUBANESWAR | ₹ 5/- (8 Pages)

# ମହାନଦୀ ଅବବାହିକାରେ ବନ୍ୟା ବିପଦ



**ଭୁବନେଶ୍ୱର :** ଛତିଶଗଡରେ ପ୍ରବଳ ବର୍ଷା ଫଳରେ ସେଠାରେ ମହାନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମହାନଦୀ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳ ଭଣ୍ଡାରରେ ଅଧିକ ଜଳ ପ୍ରବେଶ କରିଥିବାରୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ଉତ୍କଟ ହେବା ନେଇ ଆଶଙ୍କା ଦେଖାଦେଇଛି। ମିଳିଥିବା ସୂତ୍ର ଅନୁସାରେ ମହାନଦୀ ଓ ଏହାର ଶାଖାନଦୀ ଗୁଡିକରେ ଲଗାତାର ଜଳସ୍ତର ବଢ଼ିବାରେ ଲାଗିଛି। ନରାଜ ଠାରେ ମହାନଦୀ, ଅଳିପିଙ୍ଗଳଠାରେ ଦେବୀ ଓ ନିମାପଡା ଠାରେ କୁଶଭଦ୍ରାର ଜଳସ୍ତର ବଢ଼ିଚାଲିଛି। ମହାନଦୀର ଜଳସ୍ତର ବୃଦ୍ଧି ପରେ ମହାନଦୀ ଅବବାହିକା ତଥା ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। କାରଣ ମହାନଦୀର ଜଳସ୍ତର ଯେତେ ଅଧିକ ବଢ଼ିବ ଏସବୁ ଅଞ୍ଚଳ ପ୍ରତି ବିପଦ ସେତିକି ବଢ଼ିବାର ଆଶଙ୍କା ଦେଖାଦେଇଛି। ଉଲ୍ଲେଖଯୋଗ୍ୟ, ହୀରାକୁଦ ଜଳ ଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଥିବା ବେଳେ ଶନିବାର ରାତି ସୁଦ୍ଧା ୬୨୭.୪୧ ଫୁଟ୍ ଜଳସ୍ତର ରହିଥିଲା। ଏହି ସମୟ ମଧ୍ୟରେ ଜଳ ଭଣ୍ଡାରକୁ ୮ଲକ୍ଷ ୭୬ ହଜାର ୯୮୨ ଘନଫୁଟ୍ (କ୍ୟୁସେକ) ଜଳ ପ୍ରବେଶ କରୁଥିବା ବେଳେ ୪୬ ଫାଟକ, ପାୱାର ଚ୍ୟାନେଲ ଓ କେନାଲ ଦେଇ ୭ଲକ୍ଷ ୬୨ ହଜାର ୬୨୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଡ୍ୟାମ୍‌ର ବାମପାର୍ଶ୍ୱର ୩୧ଟି ଫାଟକ ଖୋଲାଥିଲା ବେଳେ ଡାହାଣ ପାର୍ଶ୍ୱର ୧୮ଟି ଫାଟକ ଖୋଲା ରହିଥିବା ସୂଚନା ମିଳିଛି। ମୁଖ୍ୟବନ୍ଧ ନିୟନ୍ତ୍ରଣ କକ୍ଷ ସୂଚନା ଅନୁଯାୟୀ ଖଇରିମାଳରେ ୧୦ଲକ୍ଷ ୨ ହଜାର ଘନଫୁଟ, ବରମୂଳରେ ୮ଲକ୍ଷ ୯୭ ହଜାର ୭୫୦ ଘନଫୁଟ ଓ ମୁଣ୍ଡଳୀରେ ୯ଲକ୍ଷ ୪୮ ହଜାର ୯୦୫ ଘନଫୁଟ ଜଳ ପ୍ରବାହିତ ହେଉଛି। ରବିବାର ସକାଳେ ମୁଣ୍ଡଳୀରୁ ସାଢ଼େ ୧୦ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ଖବର ମିଳିଛି। ଗତ ଶୁକ୍ରବାର ସକାଳୁ ଶନିବାର ସକାଳ ସୁଦ୍ଧା ୨୪ ଘଣ୍ଟାରେ ହାରାହାରି ବୃଷ୍ଟିପାତ ଡ୍ୟାମ ଉପରମୁଣ୍ଡରେ ୫.୯୮ ମିମି ଓ ତଳମୁଣ୍ଡରେ ୦.୩୦ ମିମି ରେକର୍ଡ କରାଯାଇଛି। ➤ ପୃ-୬

# ରାଜ୍ୟ ଗୁଡିକ ମନଇଚ୍ଛା କରିପାରିବେନି ତାଲାବନ୍ଦ

## ପର୍ଯ୍ୟାୟକ୍ରମେ ଖୋଲିବ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ

**ନୂଆଦିଲ୍ଲୀ :** କରୋନା ସଂକ୍ରମଣ ଭିତରେ କେନ୍ଦ୍ର ସରକାର ଅନଲକ-୪ ପାଇଁ ଗାଇଡଲାଇନ ଜାରି କରିଛନ୍ତି। ଜୀବନଯାତ୍ରାକୁ ସ୍ୱାଭାବିକ କରିବା ପାଇଁ ଅନଲକ-୪ରେ କେନ୍ଦ୍ର ସରକାର ଆଉ କିଛି ନିୟମରେ କୋହଳ କରିଛନ୍ତି। ସେପ୍ଟେମ୍ବର ୧ରୁ ଅନଲକ-୧ କାର୍ଯ୍ୟକାରୀ ହେବ। ଗାଇଡଲାଇନ ଅନୁଯାୟୀ, ଅନଲକ-୪ରେ ଦେଶରେ ମେଟ୍ରୋ ସେବା ଆରମ୍ଭ ହେବ। ସେପ୍ଟେମ୍ବର ୭ ତାରିଖରୁ ସମଗ୍ର ଦେଶରେ ମେଟ୍ରୋ ସେବା ଆରମ୍ଭ ହେବ ତେବେ ଏଥିପାଇଁ ଖୁବ୍‌ଶୀଘ୍ର ଏସ୍‌ଓପି ଜାରି କରାଯିବ। ସେହିପରି ମାର୍ଚ୍ଚ ମାସରୁ କରୋନା ସଂକ୍ରମଣ ପାଇଁ ସାମାଜିକ କାର୍ଯ୍ୟକ୍ରମ ଗୁଡିକ ବନ୍ଦ ରଖାଯାଇଥିଲା। ହେଲେ ଅନଲକ୍-୪ରେ ଏଥିପାଇଁ ଅନୁମତି ମିଳିଛି। ୧୦୦ଜଣ ଲୋକଙ୍କୁ ନେଇ ସାମାଜିକ କାର୍ଯ୍ୟକ୍ରମର ଆୟୋଜନକୁ କେନ୍ଦ୍ର ସରକାର ଗ୍ରୀନ୍ ସିଗ୍‌ନାଲ ଦେଇଛନ୍ତି। ସାମାଜିକ କାର୍ଯ୍ୟକ୍ରମ ବ୍ୟତୀତ, ସାଂସ୍କୃତିକ, ରାଜନୈତିକ, ଧାର୍ମିକ ଓ କ୍ରୀଡା କାର୍ଯ୍ୟକ୍ରମକୁ ବି ଅନୁମତି ମିଳିଛି। ଏଥିରେ ମଧ୍ୟ ୧୦୦ରୁ



ଅଧିକ ଲୋକ ସାମିଲ ହୋଇପାରିବେ ନାହିଁ। ସେପ୍ଟେମ୍ବର ୨୧ ରୁ ଏହି ନିୟମ ଲାଗୁ କରାଯିବ। ଏହିସବୁ କାର୍ଯ୍ୟକ୍ରମରେ ➤ ପୃ-୬

# ଘରୋଇ ହସ୍ପିଟାଲରେ କୋଭିଡ୍ ୟୁନିଟ୍



**ଭୁବନେଶ୍ୱର :** ରାଜ୍ୟରେ ବଢୁଥିବା କୋଭିଡ୍ ସଂକ୍ରମଣକୁ ଦେଖି ରାଜ୍ୟ ସରକାର ବଡ ନିଷ୍ପତ୍ତି ନେଇଛନ୍ତି। ନୂତନ ନିଷ୍ପତ୍ତି ଅନୁସାରେ ସରକାରୀ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ୟୁନିଟ୍ ବ୍ୟତୀତ କରୋନା ସଂକ୍ରମିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇପାରିବେ। ବଢୁଥିବା ସଂକ୍ରମଣକୁ ଦେଖି ଅଧିକ କୋଭିଡ୍ ବେଡ୍ ଆବଶ୍ୟକତା ଥିବାରୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଘରୋଇ ହସ୍ପିଟାଲରେ କୋଭିଡ୍ ସଂକ୍ରମିତଙ୍କ ନେଇ ସରକାର ନିର୍ଦ୍ଦିଷ୍ଟ ନିୟମାବଳୀ ଜାରି କରିଛନ୍ତି। ସମସ୍ତ ଲକ୍ଷଣହୀନ ଓ ସାମାନ୍ୟ ଆକ୍ରାନ୍ତ ଆନୁଷ୍ଠାନିକ କ୍ୱାରେଣ୍ଟାଇନ୍ କିମ୍ବା ହୋମ୍ ଆଇସୋଲେସନରେ ରହିବେ। କିମ୍ବା ଘରୋଇ ଭାବେ ପରିଚାଳିତ କୋଭିଡ୍ କେୟାର ସେଣ୍ଟରରେ ପେଡ୍ ଭାବେ ରହିପାରିବେ। ଯେଉଁ ଘରୋଇ ହସ୍ପିଟାଲରେ ୩୦ରୁ ଅଧିକ ବେଡ୍ ରହିଛି ସେମାନେ ହସ୍ପିଟାଲ୍‌ର ବେଡ୍ କ୍ଷମତାର ୧୦% କରୋନା ଆକ୍ରାନ୍ତଙ୍କ ଲାଗି ରଖିବେ। ସେହିଭଳି କରୋନା ଆକ୍ରାନ୍ତଙ୍କ ସମ୍ବନ୍ଧୀୟ ତଥ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଦେବା ଲାଗି ଘରୋଇ ମେଡିକାଲ କର୍ତ୍ତୃପକ୍ଷ ଜଣେ ମେଡିକାଲ ଅଫିସରଙ୍କୁ ନିଯୁକ୍ତ କରିବେ। କ୍ଷମତାର ୧୦% ବେଡ୍‌ରେ ଆଇସିୟୁ ଓ ଭେଣ୍ଟିଲେଟର ମଧ୍ୟ ରହିବ। ଘରୋଇ ହସ୍ପିଟାଲ କରୋନା ସନ୍ଦିଗ୍ଧଙ୍କ ଲାଗି ଅଲଗା ଆଇସୋଲେସନ ➤ ପୃ-୬

# ଓଡ଼ିଶା ଚାଷୀଙ୍କ ୟୁରିଆ ସାର ବାହାର ରାଜ୍ୟକୁ ଚାଲାଣ



**ଭୁବନେଶ୍ୱର :** କେନ୍ଦ୍ର ସରକାର ଓଡ଼ିଶା ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ସାର ଯୋଗାଇ ଦେଉଥିବା ବେଳେ ରାଜ୍ୟ କୃଷି ବିଭାଗର ଅପାରଗତା ଓ ସ୍ଥାଣୁତା ଯୋଗୁ ଓଡ଼ିଶା ଚାଷୀ କଳାବଜାରରେ ୫ଶହରୁ ୬ଶହ ଟଙ୍କା ଦେଇ ୟୁରିଆ ସାର କିଣୁଥିବା ବେଳେ ଓଡ଼ିଶା ଚାଷୀଙ୍କ ସାର ବ୍ୟାପକ ମାତ୍ରାରେ ସୀମାନ୍ତବର୍ତ୍ତୀ ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଛି ବୋଲି ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଶ୍ରୀ ପୁରୋହିତ ଏକ ବିବୃତିରେ ପ୍ରକାଶ କରିଛନ୍ତି ଯେ, ଆଉ ମାତ୍ର ଏକ ସପ୍ତାହ ଭିତରେ ହିଁ ଚାଷୀମାନଙ୍କୁ ୟୁରିଆ ସାରର ଆବଶ୍ୟକତା ଥିବା ବେଳେ ସାରା ରାଜ୍ୟରେ ବହୁ ଅଧିକ ଦରରେ ଖୋଲା ବଜାରରେ ସାର ବିକ୍ରି ଚାଲିଛି। ୟୁରିଆ ସାରରେ କୋଟି କୋଟି ଟଙ୍କା ବେପାରୀମାନେ ମୁନାଫା ଉଠାଉଥିବା ବେଳେ ଓଡ଼ିଶାର ଚାଷୀମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଦ୍ୱିତୀୟରେ ଏବେ ଚାଷୀମାନଙ୍କ ➤ ପୃ-୬

## ବକ୍ରବାଣୀ



କିଏ କୁହାଇଲା କାହା ତୁଣ୍ଡରେ
କୁମ୍ଭୀର ଖେଳୁଚି ଗାଆଁ ଦାଣ୍ଡରେ
କଳିଙ୍ଗ କନକ ଓ ନନ୍ଦିଘୋଷ
ଗାଆଁ ଦାଣ୍ଡେ କଲେ କୁମ୍ଭୀର ଚାଷ
ବର୍ଷକ ପୁରୁଣା ଭିଡିଓଟାକୁ
ଚାହିଁଲେନି ସତ ପରଖିବାକୁ
ଟିଆରପି ଭୋକେ ମିଶିଗଲେକି
ଗୁଜବରେ ସବୁ ଭାସିଗଲେକି
ପୁରୁଣା ଖବର କୁଆଡୁ ଆସି
ଟିଭି ପରଦାରେ ଗଳାକି ପଶି।

———— ଟୁଟୁ

# ୨୫% କୋଟା ସିଟ୍ ଲାଗି କମନ ଡାଟାବେସ

**ଭୁବନେଶ୍ୱର :** ରାଜ୍ୟ ପ୍ରତ୍ୟେକ ଘରୋଇ ସ୍କୁଲର ୨୫ପ୍ରତିଶତ ସିଟ୍‌ରେ ନାମଲେଖା ଅଧିକାର ସରକାରଙ୍କ ପାଖରେ ରହିବ। ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନେ ଏହି ୨୫ପ୍ରତିଶତ କୋଟା ସିଟ୍‌ରେ ପଢ଼ିବାର ସୁଯୋଗ ପାଇପାରିବେ। ଏଥିଲାଗି ଏକ କମନ ଡାଟାବେସ୍ ପ୍ରସ୍ତୁତ କରାଯିବ। ଯେଉଁଥିରେ କମନ୍ ଆପ୍ଲିକେସନ ମାଧ୍ୟମରେ ଆବେଦନ ପ୍ରକ୍ରିୟା କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ଘରୋଇ ସ୍କୁଲରେ ଗରିବ ପିଲାଙ୍କ ଲାଗି ୨୫ପ୍ରତିଶତ ସିଟ୍ ସଂରକ୍ଷିତ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ସିଟ୍‌ରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ମ୍ୟାନେଜମେଣ୍ଟ ସିଟ୍ କହି ଅଧିକ ଟଙ୍କାରେ ନାମଲେଖାଉଥିବା ବେଳେ ଗରିବ ପିଲାମାନେ ଏହି କୋଟାରେ ପଢ଼ିବାରୁ ବଞ୍ଚିତ ହେଉଥିଲେ। ମାତ୍ର ଏଣିକି ଏହି ୨୫ପ୍ରତିଶତ କୋଟା ସିଟ୍ ସରକାରଙ୍କ ପାଖରେ ରହିବ। ଆବେଦନକାରୀମାନେ ଏହି ସିଟ୍ ଲାଗି ସରକାରଙ୍କ ପାଖରେ ଆବେଦନ କରିବେ। ତେବେ ୨୫% ସିଟ୍‌ରେ ନାମଲେଖା ଲାଗି ସରକାର ଯେଉଁ ନିୟମ କରିଛନ୍ତି ସମ୍ପୃକ୍ତ ନିୟମ ମଧ୍ୟରେ ଯେଉଁ ଆବେଦନକାରୀମାନେ ରହିବେ ସେମାନଙ୍କୁ ଘରୋଇ ସ୍କୁଲରେ ପଢ଼ିବାର ସୁଯୋଗ ମିଳିବ। ଏନେଇ ଅନ୍‌ଲାଇନ୍‌ରେ କମନ୍ ଡାଟାବେସ୍ ଲାଗୁ କରାଯିବ। ଫଳରେ ଏହା ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀମାନେ ସିଧାସଳଖ ସ୍କୁଲରେ ଆବେଦନ ନକରି ଏହି କମନ୍ ଡାଟାବେସ୍‌ରେ ଆବେଦନ କରିପାରିବେ। ଆବେଦନ ସମୟରେ ଆବେଦନକାରୀମାନେ ସ୍କୁଲ ତାଲିକାରେ ୫ଟି ସ୍କୁଲର ନାମ ରଖିବେ। ପିଲା ରହୁଥିବା ଠିକଣା ଠାରୁ ନିକଟତର ଘରୋଇ ସ୍କୁଲରେ ପଢ଼ିବାକୁ ସୁଯୋଗ ଦିଆଯିବ। ତେବେ ଆବେଦନ ସମୟରେ ବାର୍ଷିକ ଆୟ, ଉଭୟ ଅଭିଭାବକ ଏବଂ ପିଲାର ଆଧାର ନମ୍ବର, ପରିବାର ସଦସ୍ୟର ସମ୍ପୂର୍ଣ୍ଣ ତାଲିକା ଫର୍ମରେ ଦର୍ଶାଯିବା ବୋଲି ନିର୍ଦ୍ଦେଶ ରହିଛି। ପ୍ରକାଶଥାଉ କି, ରାଜ୍ୟରେ ଶିକ୍ଷା ଅଧିକାର ଆଇନ୍ ପ୍ରଣୟନ ହେବା ପରେ ଉଭୟ ସରକାରୀ ଏବଂ ଘରୋଇ ସ୍କୁଲ ଲାଗି ସ୍ୱତନ୍ତ୍ର ନୀତିନିୟମ ଲାଗୁ ହୋଇଛି। ବିଶେଷକରି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସରକାରଙ୍କ ଠାରୁ ଶାଗମାଛ ମୂଲ୍ୟରେ ଜମି ପାଣି ନେଇ ସ୍କୁଲ ନିର୍ମାଣ କରୁଛନ୍ତି। ଉନ୍ନତ ଭିତ୍ତିଭୂମି ନିର୍ମାଣ କରି ଅଭିଭାବକଙ୍କ ଠାରୁ ବହୁ ଅର୍ଥ ଆଦାୟ କରୁଛନ୍ତି। ତେବେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଯେତିକି ସୁବିଧା ସୁଯୋଗ ସରକାରଙ୍କ ଠାରୁ ପାଉଥାନ୍ତି ସେତିକି ସୁବିଧା ସରକାର ପରେ ପାଇନଥାନ୍ତି। ରାଜ୍ୟରେ ଥିବା ➤ ପୃ-୬

## ସ୍ୱାୟତ୍ତ ଶାସନ ଦିବସ-୨୦୨୦ (ରାୟଗଡ଼)

ଐତିହ୍ୟସମ୍ପର୍ଣ୍ଣ ରାୟଗଡ ସହରର ଜନସାଧାରଣଙ୍କୁ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୦ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା

॥ ନିବେଦନ ॥

* କରୋନା ମହାମାରୀକୁ ମୁକାବିଲା କରିବା ନିମନ୍ତେ ସର୍ବଦା ସାମାଜିକ ଦୂରତା ବଜାୟ ରକନ୍ତୁ, ମୁହଁରେ ମୁଖା (ମାସ୍କ) ପିନ୍ଧନ୍ତୁ, ହାତକୁ ବାରମ୍ବାର ସାବୁନରେ ସଫା କରନ୍ତୁ, ଅତ୍ୟାବଶ୍ୟକ ସ୍ଥଳେ ବାହାରକୁ ବାହାରନ୍ତୁ ନଚେତ ଗୃହରେ ରୁହନ୍ତୁ, ନିଜେ ସୁରକ୍ଷିତ ରହିଲେ ପରିବାର ସୁରକ୍ଷିତ ରହିବେ।
* କ୍ରମଶଃ ନିମ୍ନଗାମୀ ଭୂ-ଜଳସ୍ତରର ପ୍ରତିକାର ନିମନ୍ତେ ପକ୍କା ଛାତ ଘରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଅନ୍ତୁ।
* ପରିମଳ କର୍ମଚାରୀ ଏବଂ ସ୍ୱଚ୍ଛସାଥି ସଦସ୍ୟ ସଦସ୍ୟାଙ୍କୁ ଓଦା ବର୍ଜ୍ୟବସ୍ତୁ ପୃଥକ କରି ଦିଅନ୍ତୁ।
* ଗୃହ ଟିକସ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ www.ulbodisha.gov.in ଏହି ଠିକଣାରେ ନିଜ ଗୃହରେ ରହି ପଇଠ କରିପାରିବେ।

ସୁରକ୍ଷିତ ରୁହନ୍ତୁ

ସ୍ୱା/-
ଶ୍ରୀ ପ୍ରମୋଦ କୁମାର ବେହେରା,
ଓ.ପ୍ର.ସେ (ବ.ପ୍ର.ସା)
ଜିଲ୍ଲାପାଳ ତଥା ପ୍ରଶାସକ,
ରାୟଗଡ ପୌରପରିଷଦ

ସ୍ୱା/-
ଶ୍ରୀ ସଚ୍ଚିଦାନନ୍ଦ ଶତପଥି
ନିର୍ବାହୀ ଅଧିକାରୀ
ରାୟଗଡ ପୌରପରିଷଦ




### ସ୍କୁଲ ଲାଗି ସଂରକ୍ଷିତ ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ

# ଜିଲ୍ଲାପାଳଙ୍କୁ ଜବାବ ତଲବ



**ଭଦ୍ରକ,(ବିକାଶ କୁମାର ଧଳ):** ଭଦ୍ରକ ଜିଲା ବନ୍ତ ବ୍ଲକ ବଡବଡ଼ବର୍ଦ୍ଧିକୟାଁ ପଂଚାୟତରେ ସ୍କୁଲ ନିମନ୍ତେ ସଂରକ୍ଷିତ ଜାଗାରେ ପଂଚାୟତ ଗୃହ ନିର୍ମାଣରେ ଅନିୟମିତତାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡ଼ବ୍ଲ୍ୟୁପି(ସି)୧୭୩୬୦/୨୦ ତା:୨୨/୭/୨୦ରେ ଏକ ଜନସ୍ୱାର୍ଥମାମଲା ଦାୟର କରାଯାଇ ରାଜ୍ୟ ସରକାର, ଓଡ଼ିଶା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସଂପାଦକ, ଭୁବନେଶ୍ୱର, ଜିଲାପାଳ, ଭଦ୍ରକ, ଜିଲାଶିକ୍ଷା ଅଧିକାରୀ, ଭଦ୍ରକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ,ଭଦ୍ରକ ଏବଂ ବ୍ଲକ ଉନ୍ନୟନ ଅଧିକାରୀ ,ବନ୍ତ,ଭଦ୍ରକଙ୍କୁ ପକ୍ଷ କରାଯାଇଥିଲା । ଏହି ମାମଲାକୁ ମାନ୍ୟବର ଉଚ୍ଚନ୍ୟାୟାଳୟ ଗ୍ରହଣ କରିବା ସହ ଉଚ୍ଚନ୍ୟାୟାଳୟ ଆଡ଼ଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ ଚିଠି ନଂ -୧୨୩୬୫ ତା . ୩୦/୭/୨୦ରେ ଭଦ୍ରକ ଜିଲାପାଳଙ୍କୁ ଉକ୍ତ ମାମଲାର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ଏକକିତା ନକଲ ତହସିଲଦାର, ବନ୍ତ ଓ ବ୍ଲକ ଉନ୍ନୟନ ଅଧିକାରୀ, ବନ୍ତଙ୍କୁ ପ୍ରେରଣ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ: ପଂଚାୟତ ପୁନର୍ଗଠନ ଆଇନରେ ୨୦୧୬ ମସିହାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତନ୍ମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗ କରାଯାଇ ନୂତନ ଭାବେ ବଡ଼ବର୍ଦ୍ଧିକୟାଁ ପଂଚାୟତ ଗଠନ କରାଯାଇଥିଲା । ନୂତନ ପଂଚାୟତ ଗଠନ ହେବାର ଇତି ମଧ୍ୟରେ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ପଂଚାୟତ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ହୋଇପାରିନାହିଁ । ➤ ପୃ-୬

EKAMAATRA ଏକମାତ୍ର
ଅନୁସନ୍ଧାନ ପରେ ଖବର

## 'ଗ୍ଲୋବାଲ ଟାଇମ୍ସ' ସର୍ବେକ୍ଷଣ

# ୫୧% ଚୀନ୍ ନାଗରିକଙ୍କ ପସନ୍ଦ ମୋଦି

**ବେଜିଂ :** ଭାରତ-ଚୀନ୍ ମଧ୍ୟରେ ସୀମା ବିବାଦ ଏବେ ଶୀର୍ଷସ୍ତରରେ। ଦୁଇ ଦେଶ ସୀମାରେ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛି। ସାମରିକ ବାହିନୀକୁ ପ୍ରତ୍ୟେକ ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ପ୍ରସ୍ତୁତ ରହିବାକୁ ଭାରତ ନିର୍ଦ୍ଦେଶ ଦେଇଛି। ଏହି ସ୍ଥିତିରେ ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ପକ୍ଷରୁ ଦୁଇ ଦେଶର ସମ୍ପର୍କ ଓ ଅନ୍ୟାନ୍ୟ ପ୍ରସଙ୍ଗରେ କରାଯାଇଥିବା ସର୍ବେକ୍ଷଣରେ ରୋଚକ ତଥ୍ୟ ପଦାକୁ ଆସିଚି। ଗ୍ଲୋବାଲ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଚୀନର ଲୋକମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ସର୍ଭେରେ ଅଂଶଗ୍ରହଣ କରିଥିବା ଲୋକଙ୍କ ମଧ୍ୟରୁ ୫୧% ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକଳାପ ପ୍ରଶଂସନୀୟ ବୋଲି କହିଛନ୍ତି। ଏଥିରୁ ଚୀନ୍ ଲୋକ ନିଜ ଦେଶର ନେତାମାନଙ୍କ ପ୍ରତି ଖୁସି ନାହାନ୍ତି ବୋଲି ପ୍ରମାଣିତ ହୋଇଛି। ଗ୍ଲୋବାଲ ଟାଇମ୍ସ ରିପୋର୍ଟ ଅନୁସାରେ ୭୦% ଚୀନ୍ ଲୋକ ଭାରତରେ ଚୀନ୍ ବିରୋଧୀ ମନୋଭାବ ଆବଶ୍ୟକଠାରୁ ଅଧିକ ବୋଲି କହିଛନ୍ତି। ଅନ୍ୟପକ୍ଷରେ ୩୦% ଲୋକଙ୍କ କହିବା କଥା ହେଉଛି ଭବିଷ୍ୟତରେ ଚୀନ୍-ଭାରତ ସମ୍ପର୍କ ଭଲ ହେବ। ଏହି ସର୍ଭେରେ ଚୀନ୍ ଲୋକମାନେ ଋଷ, ଜାପାନ, ପାକିସ୍ତାନ ପରେ ଭାରତକୁ ସବୁଠୁ ପସନ୍ଦର ଦେଶ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସର୍ଭେରେ ସାମିଲ ଲୋକଙ୍କ ମଧ୍ୟରୁ ୯୦% ଲୋକ ଭାରତ ବିରୋଧରେ ସେନା କାର୍ଯ୍ୟାନୁଷ୍ଠାନରେ ସହମତି ପ୍ରକାଶ କରିଛନ୍ତି। ୫୦% ଲୋକଙ୍କ କହିବା କଥା ହେଉଛି ଭାରତର ଅର୍ଥ ବ୍ୟବସ୍ଥା ଚୀନ୍ ଉପରେ ଅତିମାତ୍ରାରେ ନିର୍ଭରଶୀଳ। ବର୍ତ୍ତମାନ ଯେପରି ସ୍ଥିତି ରହିଛି ତାହା ଲାଗି ରହିଲେ ଭାରତର ଅର୍ଥନୀତି କ୍ଷତିଗ୍ରସ୍ତ ହେବ ବୋଲି ଏହି



ଲୋକମାନେ ମତ ଦେଇଛନ୍ତି। ୫୬% ଚୀନ୍ ଲୋକ ଭାରତ ସମ୍ପର୍କରେ ସେମାନଙ୍କର ରୁଚି ରହିଥିବା କହିଛନ୍ତି ଓ ଏହି ଦେଶ ସମ୍ପର୍କରେ ସେମାନଙ୍କର ଧାରଣା ଥିବା କହିଛନ୍ତି। ଅନ୍ୟପକ୍ଷରେ ୫୭% ଚୀନ୍ ଲୋକ ଭାରତୀୟ ସେନା ଚୀନ ସେନା ତୁଳନାରେ ଦୁର୍ବଳ ଓ ଚୀନ ସେନାର ମୁକାବିଲା କରିବାକୁ ସକ୍ଷମ ନୁହନ୍ତି ବୋଲି ଭାବୁଛନ୍ତି। ତେବେ ଚୀନର ବୈଷୟିକ କମ୍ପାନୀ ହୁଓ୍ୱାଇ ଭାରତ ପ୍ରତି ଅନୁକୂଳ ମନୋଭାବ ପୋଷଣ କରିଛି। କମ୍ପାନୀ କହିଛି ଭାରତରେ କାର୍ଯ୍ୟ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଓ ଗତ ୨୦ ବର୍ଷ ଧରି ଭାରତରେ କାର୍ଯ୍ୟ କରିବାରେ କୌଣସି ସମସ୍ୟା ହୋଇନାହିଁ। ଏହି ରିପୋର୍ଟ ଅନୁସାରେ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଆଦି ଦେଶ ହୁଓ୍ୱାଇ ଉପରେ ପ୍ରତିବନ୍ଧକ ଲଗାଇଛି। ମାତ୍ର ଭାରତ ୫୯ ଚୀନ୍ ଆପ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ ହେଁ ହୁଓ୍ୱାଇ ବିରୋଧରେ ସିଧାସଳଖ କୌଣସି ପଦକ୍ଷେପ ନେଇନାହିଁ। ଟେଲିକମ କ୍ଷେତ୍ରରେ ଚୀନ୍ ସାମଗ୍ରୀ ବ୍ୟବହାର ନିମନ୍ତେ ସଙ୍କେତ ଦିଆଯାଇଛି।

## ଏନ୍-୯୫ ମାସ୍କ ଅଧିକ ଫଳପ୍ରଦ: ଇସ୍ରୋ

**ନୂଆଦିଲ୍ଲୀ :** କରୋନା ସଂକ୍ରମଣ ରୋକିବାକୁ ଦିଗରେ ଏନ୍-୧୯ ମାସ୍କ ଅଧିକ ପ୍ରଭାବଶାଳୀ ବୋଲି ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥା(ଇସ୍ରୋ) ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ଯେକୌଣସି ପ୍ରକାର ମାସ୍କ ପରିଧାନ କରିବା ଆବଶ୍ୟକ। ବିଶେଷ ଭାବରେ କାଶିବା ଏବଂ ଛିଙ୍କିବା ଦ୍ୱାରା ଶ୍ୱାସତନ୍ତ୍ରରୁ ବାହାରୁଥିବା ବାୟୁ କୋଭିଡ୍-୧୯ ଭଳି ସଂକ୍ରାମକ ରୋଗର ପ୍ରସାର କରିବା ଦିଗରେ ସବୁଠାରୁ ବଡ଼ କାରଣ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଇସ୍ରୋ ଏବଂ କର୍ଣ୍ଣାଟକ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଭାସ୍କୁଲର୍ ସାଇନ୍ସ ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାଯାଇଛି ଯେ, ଏନ୍-୯୫ ମାସ୍କର ବ୍ୟବହାର କରୋନା ସଂକ୍ରମଣର ପ୍ରସାର ରୋକିବା ଦିଗରେ ଅଧିକ ପ୍ରଭାବଶାଳୀ। ଏହି ମାସ୍କ ପିନ୍ଧିବା ଦ୍ୱାରା ଛିଙ୍କିବା କିମ୍ବା କାଶିବା ସମୟରେ ମୁହଁରୁ ବାହାରୁଥିବା ସୂକ୍ଷ୍ମ ବୁନ୍ଦା ୦.୧ରୁ ୦.୨୫ମିଟର ମଧ୍ୟରେ ସୀମିତ ରୁହେ। ସର୍ଜିକାଲ୍ ମାସ୍କ ଦ୍ୱାରା ଏହି ସୂକ୍ଷ୍ମ ବୁନ୍ଦା ୦.୫ରୁ ୧.୫ମିଟର ଭିତରେ ସୀମିତ ରୁହେ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। କରୋନା ସଂକ୍ରମଣ ରୋକିବା ସାମାଜିକ ଦୂରତାକୁ ନଜରଅନ୍ଦାଜ କରାଯାଇପାରିବ ନାହିଁ ବୋଲି ମଧ୍ୟ ଇସ୍ରୋ ପକ୍ଷରୁ କୁହାଯାଇଛି।

## ଲଦାଖରେ କ୍ଷୁଦ୍ର ଡିଫେନ୍ସ ସିଷ୍ଟମ

**ନୂଆଦିଲ୍ଲୀ :** ଭାରତର ସୀମା ଭିତରକୁ ଚୀନ୍‌ର ଲଢୁଆ ଜେଟ୍ ଅବା ହେଲିକପ୍ଟର ପ୍ରବେଶ କରିବା ମାତ୍ରେ ତାକୁ ଖସାଇବା ପାଇଁ ଭାରତୀୟ ସେନାବାହିନୀ ଲଦାଖ ସୀମାରେ ଋଷିଆନିର୍ମିତ ଛୋଟ ଡିଫେନ୍ସ ସିଷ୍ଟମ୍ ସାଇତି ରଖିଛି। ଏହି କ୍ଷୁଦ୍ର ଡିଫେନ୍ସ ସିଷ୍ଟମକୁ କାନ୍ଧରେ ରଖି ଯବାନମାନେ ଶତ୍ରୁପକ୍ଷର ହେଲିକପ୍ଟର ଅବା ଯୁଦ୍ଧ ବିମାନକୁ ରକେଟ୍ ମାଡ଼ କରିପାରିବେ। ଚୀନ ବାୟୁସେନାର ହୋତାନ, ଗାରଗୁଂସା, କାଶ୍‌ଗର୍, ହାର୍ପିଙ୍ଗ୍, ଧୋନ୍‌କା ଜଙ୍ଗ୍, ଲିଙ୍ଗ୍‌ଝି ଓ ପ୍ୟାନ୍‌ଗେଟ୍ ପ୍ରମୁଖ ୭ଟି ଘାଟି ଉପରେ ଭାରତୀୟ ବାୟୁସେନା ତୀକ୍ଷ୍ଣ ନଜର ରଖିଛି। ଦିନକୁ ଦିନ ପୂର୍ବ ଲଦାଖସ୍ଥିତ ଏଲ୍‌ଏସି ନିକଟରେ ପରିସ୍ଥିତି ଉଦ୍‌ବେଗ ଆଡ଼କୁ ଗତି କରୁଛି। ଚୀନ ହେଲିକପ୍ଟରର ଗତିବିଧିକୁ ଲକ୍ଷ୍ୟ କରି ଭାରତୀୟ ସେନାବାହିନୀ ଛୋଟ ଏୟାର୍ ଡିଫେନ୍ସ ସିଷ୍ଟମ୍ ମୁତୟନ କରିବାକୁ ବାଧ୍ୟ ହୋଇଛି। ଋଷିଆ ନିର୍ମାଣ କରିଥିବା କ୍ଷୁଦ୍ର ଏୟାର୍ ଡିଫେନ୍ସ ସିଷ୍ଟମର ନାମ 'ଇଗ୍‌ଲା' ରଖାଯାଇଛି। ଭାରତର ବାୟୁସେନା ଓ ସ୍ଥଳସେନା ଇଗ୍‌ଲା ଡିଫେନ୍ସ ସିଷ୍ଟମକୁ ବ୍ୟବହାର କରୁଛନ୍ତି। ଲଦାଖ ଉପତ୍ୟକାର ସୁଉଚ୍ଚ ପାହାଡ଼ ଶୀର୍ଷରୁ ଇଗ୍‌ଲା ସାହାଯ୍ୟରେ ଚୀନ୍ ହେଲିକପ୍ଟର ଅବା ଲଢୁଆ ଜେଟ୍‌କୁ ତଳକୁ ଖସାଇବା ସହଜ ହେବ ବୋଲି ଭାରତୀୟ ପ୍ରତିରକ୍ଷା ବିଭାଗ ସୂତ୍ରରୁ ପ୍ରକାଶ। ଚୀନର ବାୟୁସେନା ଉପରେ ସତର୍କ ନଜର ରଖିବା ପାଇଁ ଭାରତ ଏଲ୍‌ଏସି ନିକଟସ୍ଥ ପାହାଡ଼ ଉପରେ ର୍‌ୟାଡାର୍ ବସାଇଛି। ଗଲଓ୍ୱାନ ଉପତ୍ୟକାରେ ଦୁଇଦେଶର ସେନା ସଂଘର୍ଷ ଘଟିବା ପରେ ଭାରତ ପୂର୍ବାପେକ୍ଷା ଅଧିକ ସଜାଗ ହୋଇଯାଇଛି। ଇତିମଧ୍ୟରେ ଭାରତ ଓ ଚୀନ ମଧ୍ୟରେ ପ୍ରାୟ ୮ ଥର ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ଆଲୋଚନା ଶେଷ ହୋଇଥିଲେ ମଧ୍ୟ ପିଏଲ୍‌ଏ ପଛକୁ ହଟିବାକୁ ନାରାଜ।

## ସଂରକ୍ଷଣକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ବଡ ନିଷ୍ପତ୍ତି

### ରାଜ୍ୟ ସରକାର ଶ୍ରେଣୀ ତିଆରି କରିପାରିବେ

**ନୂଆଦିଲ୍ଲୀ :** ଏସ୍‌ସି/ଏସ୍‌ଟି ସଂରକ୍ଷଣ ଉପରେ ସୁପ୍ରିମ୍‌କୋର୍ଟର ସାମ୍ବିଧାନିକ ବେଞ୍ଚ ଆଜି ଏକ ବଡ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି, ଏସ୍‌ସି/ଏସ୍‌ଟିକୁ ଦିଆଯାଇଥିବା ସଂରକ୍ଷଣରେ ରାଜ୍ୟ ସରକାର ଶ୍ରେଣୀ ତିଆରି କରିପାରିବେ। ଯାହା ଏହି ସଂରକ୍ଷଣ ବର୍ଗରେ ଥାଇ ମଧ୍ୟ ସଂରକ୍ଷଣ ପାଇବାକୁ ସକ୍ଷମ ହୋଇ ନଥିବା ଲୋକଙ୍କୁ ଦିଆଯାଇପାରିବ। ଏହାର ଉଦ୍ଦେଶ୍ୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ଶ୍ରେଣୀର ସଂରକ୍ଷଣ ଲାଭ ଏହି ଗୋଷ୍ଠୀର ଲୋକଙ୍କୁ ଦିଆଯିବା ଉଚିତ ଯେଉଁମାନେ ଏପର୍ଯ୍ୟନ୍ତ ବହୁତ ପଛୁଆ ରହିଛନ୍ତି ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଜଷ୍ଟିସ ଅରୁଣ ମିଶ୍ରଙ୍କ ବେଞ୍ଚ ରାୟ ଶୁଣାଣି ବେଳେ କହିଛନ୍ତି ଯେ, ଯଦି ରାଜ୍ୟରେ ସଂରକ୍ଷଣ ଦେବାର କ୍ଷମତା ଅଛି, ତା'ହେଲେ ଏହାର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ଦାୟିତ୍ୱବାନ ହେବା ଉଚିତ୍। ଏହି ରାୟ ପୂର୍ବରୁ ରାଷ୍ଟ୍ରପତି ଏ ସଂକ୍ରାନ୍ତରେ କରିଥିବା ଆଦେଶର କୌଣସି କ୍ଷତି ହେବନାହିଁ। ସୁପ୍ରିମ୍‌କୋର୍ଟ ଏହି ପ୍ରସଙ୍ଗରେ ଶୁଣାରି ବେଳେ ୨୦୦୪ରେ ଇଭି ଚିନ୍ନାୟା ଏବଂ ଏହି ପ୍ରସଙ୍ଗରେ ସରକାରଙ୍କ ଏକ ନିଷ୍ପତ୍ତିର ସମୀକ୍ଷା କରିବାକୁ କହିଛନ୍ତି। ଯେଉଁଥିରେ ରାଜ୍ୟମାନଙ୍କୁ ଏସ୍‌ସି/ଏସ୍‌ଟି ସଂରକ୍ଷଣ ଶ୍ରେଣୀଭୁକ୍ତ କରିବାକୁ କ୍ଷମତା ଦିଆଯାଇନାହିଁ। ଏହି ନିଷ୍ପତ୍ତିର ସମୀକ୍ଷା ପାଇଁ ସୁପ୍ରିମ୍‌କୋର୍ଟ ୭ଜଣ ବିଚାରପତିଙ୍କ ଏକ ବେଞ୍ଚକୁ ଏହି ମାମଲା ଦାୟର କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୦୬ ମସିହାରେ ପଞ୍ଜାବ ସରକାର ଦୁଇଟି ଜାତି (ବାଲ୍ମିକି ଏବଂ ମଜହବି)କୁ ୫୦% ଏସ୍‌ସି/ଏସ୍‌ଟିଙ୍କୁ ସଂରକ୍ଷଣ ପ୍ରଦାନ କରିବାକୁ ଏକ ଆଇନ ପ୍ରସ୍ତୁତ କରିଥିଲେ। ହେଲେ ଏହାପୂର୍ବରୁ ୨୦୦୪ ରେ ୫ ଜଣିଆ ବିଚାରପତି ବେଞ୍ଚ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେତେବେଳେ କୋର୍ଟ କହିଥିଲେ ଯେ, ରାଜ୍ୟ ମାନଙ୍କର ଅଧିକାର ନାହିଁ। ତେବେ ପରବର୍ତ୍ତୀ ସମୟରେ ୫ ଜଣିଆ ବିଚାରପତି ବେଞ୍ଚ ଏହି ଆଇନକୁ ଯଥାର୍ଥ ବୋଲି କହିଛନ୍ତି।

## ସେପ୍ଟେମ୍ବରରେ ଖୋଲିବ 'ଅଟଳ ସୁଡଙ୍ଗ'

**ନୂଆଦିଲ୍ଲୀ :** ହିମାଚଳ ପ୍ରଦେଶର ମନାଲି ଏବଂ ଲଦାଖର ଲେହ ମଧ୍ୟରେ ସମୁଦ୍ର ପତ୍ତନ ଠାରୁ ୩୦୦୦ ମିଟର ଉଚ୍ଚରେ ନିର୍ମିତ ୮.୮ କିଲୋମିଟର ଦୀର୍ଘ 'ରୋହତଙ୍ଗ ସୁଡଙ୍ଗ' (ଅଟଳ ସୁଡଙ୍ଗ) ସେପ୍ଟେମ୍ବର ଶେଷ ଆଡକୁ ଖୋଲିବ। ୩୨,୦୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ସୁଡଙ୍ଗ ଯୋଗୁଁ ମନାଲି ଓ ଲେହ ମଧ୍ୟରେ ଥିବା ୪୭୪ କିଲୋମିଟର ଦୂରତ୍ୱ ୪୬ କିଲୋମିଟର ହ୍ରାସ ପାଇବ। ଅର୍ଥାତ୍ ଯାତ୍ରା ପାଇଁ ଆବଶ୍ୟକ ସମୁଦାୟ ୮ ଘଣ୍ଟା ସମୟରୁ ଅଢେଇଘଣ୍ଟା କମିଯିବ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ନାମାନୁସାରେ ଏହାକୁ 'ଅଟଳ ସୁଡଙ୍ଗ' ଭାବରେ ନାମିତ କରାଯାଇଛି। ୨୦୦୦ ମସିହା ଜୁନ୍ ୩ ତାରିଖ ଦିନ ଅଟଳ ବିହାରୀ ବାଜପେୟୀ ଏହି ସୁଡଙ୍ଗ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲେ। 'ବର୍ଡର ରୋଡ୍‌ସ ଅର୍ଗାନାଇଜେସନ୍' (ବିଆରଓ)କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୨୦୧୧ ରେ ଏହି ସୁଡଙ୍ଗ ପାଇଁ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି, ବିଭିନ୍ନ ପ୍ରକାର ଭୂତାତ୍ତ୍ୱିକ



ଅସୁବିଧା ଏଥିରେ ଅନ୍ତରାୟ ସୃଷ୍ଟି କରିଥିଲା। ଫଳରେ ୨୦୧୫ ଫେବ୍ରୁଆରୀରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ, ସେରି ନାଳରୁ ଜଳ ପ୍ରବାହ, ପଥର ଖାଦନ ଉପରେ ନିଷେଧାଦେଶ, ପଥର ଖାଦାନ ନିମନ୍ତେ ଜମି ଆବଣ୍ଟନ ଏବଂ ସୁଡଙ୍ଗ ପଥରେ ଫସକା ହୋଇ ରହିଥିବା ଶିଳାସ୍ତର ଯୋଗୁଁ ସୁଡଙ୍ଗ ଖନନ କାର୍ଯ୍ୟ ମନ୍ଥର ହୋଇଯାଇଥିଲା। ଏହି ସୁଡଙ୍ଗ ଖନନ ଲାଗି ୭୦୦ ରୁ ଅଧିକ ଲୋକ ସିଫ୍ଟରେ କାମ କରୁଛନ୍ତି। କରୋନା ମହାମାରୀ କାରଣରୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିଲା। ଗତ ମାସରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ମଧ୍ୟ ଏହି ସୁଡଙ୍ଗ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯାଇଥାଆନ୍ତେ, କିନ୍ତୁ ଭାରତ ଚୀନ୍ ସେନା ସଂଘର୍ଷ ଯୋଗୁଁ ତାହା ସମ୍ଭବ ହେଲାନାହିଁ। ଏ ମାସ ଶେଷ ଆଡକୁ ସେ 'ଅଟଳ ସୁଡ଼ଙ୍ଗ' ନିର୍ମାଣ ଦେଖି ଯିବାର କାର୍ଯ୍ୟକ୍ରମ ରହିଛି।

## '୧୯୬୨ ପରେ ଲଦାଖରେ ସାଂଘାତିକ ସ୍ଥିତି'

**ନୂଆଦିଲ୍ଲୀ :** ପୂର୍ବ ଲଦାଖରେ ଚୀନ୍ ସହ ସୃଷ୍ଟି ହୋଇଥିବା ତିକ୍ତତା ୧୯୬୨ ପରେ ଆଉ ଏକ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ଆଜି ଭାରତ ସରକାର କହିଛନ୍ତି। ୧୯୬୨ରେ ଭାରତ ଓ ଚୀନ୍‌ର ଯୁଦ୍ଧ ହୋଇଥିଲେ। ସେତେବେଳେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବେ ସେଭଳି ସ୍ଥିତି ସୃଷ୍ଟି ହୋଇଥିବା କଥା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଜୟଶଙ୍କର କହିଛନ୍ତି, ନିଶ୍ଚିତ ପକ୍ଷେ ଲଦାଖରେ ଯାହା ଚାଲିଛି, ତାହା ଅତ୍ୟନ୍ତ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ୧୯୬୨ ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦୀର୍ଘ ୪୫ ବର୍ଷ ପରେ ସୀମାରେ ଯବାନ ମୁତାହତ ହୋଇଛନ୍ତି। ଏବେ ସୀମାର ଉଭୟ ପାର୍ଶ୍ୱରେ ଦୁଇ ଦେଶ ପକ୍ଷରୁ ବିପୁଳ ସଂଖ୍ୟାରେ ଯବାନ ମୁତୟନ କରାଯାଇଛି। ଏଭଳି ସ୍ଥିତି ବହୁତ କମ୍ ଦେଖିବାକୁ ମିଳେ। ସୀମାରେ ଏବେ ସଂଖ୍ୟକ ଯବାନ ମୁତୟନ ହେବା ଗୋଟିଏ ଅଭୂତପୂର୍ବ ଘଟଣା। ଭାରତ ସର୍ବଦା ଶାନ୍ତିରେ ବିଶ୍ୱାସ କରେ। ଏକଥା ଚୀନ୍‌କୁ ମଧ୍ୟ ଭାରତ ଅବଗତ କରାଇ ସାରିଛି। ଭାରତ ଓ ଚୀନ୍ ସେନା ଦୀର୍ଘ ୩ ବର୍ଷ ମଧ୍ୟରେ ଅନେକ ଥର ମୁହାଁମୁହିଁ



ହୋଇଛନ୍ତି। ବିବାଦର ସମାଧାନ ପାଇଁ କୂଟନୀତିଜ୍ଞ ଓ ସାମରିକ ସ୍ତରୀୟ ଆଲୋଚନା ମଧ୍ୟ ଚାଲିଛି। ପୂର୍ବରୁ ସୀମା ବିବାଦ କୂଟନୀତିକ ଆଲୋଚନା ଦ୍ୱାରା ସମାଧାନ କରାଯାଇଥିଲା। ଆପଣ ଯଦି ଅତୀତକୁ ଦେଖିବେ, ତା'ହେଲେ ଦେପସାଙ୍ଗ, ଛୁମାର ଓ ଡୋକଲାମ ଭଳି ସ୍ଥାନରେ ସୀମା ବିବାଦ ଦେଖିବାକୁ ମିଳିଥିଲା। ତେବେ ସବୁ କିଛି ଆଲୋଚନା ଦ୍ୱାରା ସମାଧାନ କରାଯାଇଥିଲା। ଏବେ ବି ସବୁ କିଛି ସମାଧାନ ହେବ ବୋଲି ଜୟଶଙ୍କର ଦମ୍ଭୋକ୍ତି କରିଛନ୍ତି।

# ଜିଏସ୍‌ଟି ସଂଗ୍ରହରେ ୨.୩୫ ଲକ୍ଷ କୋଟି ହ୍ରାସ !

**ନୂଆଦିଲ୍ଲୀ :** କରୋନା ମହାମାରୀ ପ୍ରଭାବରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ଗୁଡିକର ଆୟରେ ଯଥେଷ୍ଟ ହ୍ରାସ ଘଟିଛି। ବର୍ତ୍ତମାନ ପରିସ୍ଥିତି ଖରାପ ହୋଇଛି ଓ ଆଗକୁ ଆହୁରି ଖରାପ ହୋଇପାରେ। ତେଣୁ ଜିଏସ୍‌ଟି କ୍ଷତିପୂରଣ ନିମନ୍ତେ ରାଜ୍ୟ ଗୁଡିକୁ ଦୁଇଟି ବିକଳ୍ପ ଦେଇଛନ୍ତି କେନ୍ଦ୍ର ସରକାର। କେବଳ ବିକଳ୍ପ ନୁହେଁ, ୭ଦିନ ମଧ୍ୟରେ ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଜିଏସ୍‌ଟି ପରିଷଦର ୪୧ତମ ବୈଠକ। ଦୀର୍ଘ ପାଞ୍ଚଘଣ୍ଟା ଧରି ଭିଡିଓ କନଫରେନ୍ସ ଜରିଆରେ ଚାଲିଥିବା ଏହି ବୈଠକରେ ରାଜ୍ୟ ଗୁଡିକୁ ଜିଏସ୍‌ଟି ବାବଦରେ ମିଳିବାକୁ ଥିବା କ୍ଷତିପୂରଣ ଏବଂ କେତେକ ଉତ୍ପାଦ ଉପରେ ଜିଏସ୍‌ଟି ହ୍ରାସ ଘଟାଇବା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଚଳିତ ଆର୍ଥିକବର୍ଷ ୨୦୨୦-୨୧ରେ ଜିଏସ୍‌ଟି ସଂଗ୍ରହରେ ୨.୩୫ ଲକ୍ଷ କୋଟି ଟଙ୍କା



ହ୍ରାସ ଘଟିବା ଆଶଙ୍କା କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଏସ୍‌ଟି ବାବଦ ହେଉଥିବା ରାଜସ୍ୱ କ୍ଷତି ଭରଣା କରିବା ପାଇଁ ରାଜ୍ୟ ଗୁଡିକର କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଦୁଇଟି ବିକଳ୍ପ ପ୍ରଦାନ କରିଛନ୍ତି। ପ୍ରଥମ ବିକଳ୍ପ ହେଉଛି କେନ୍ଦ୍ର ସରକାର ଋଣ କରି ରାଜ୍ୟ ଗୁଡିକୁ ଯୋଗାଇ ଦେବେ ଏବଂ ଦ୍ୱିତୀୟଟି ହେଉଛି ଆର୍‌ବିଆଇ ନିକଟରୁ ଉଧାର ଆଣି ରାଜ୍ୟ ଗୁଡିକ ଦେବେ। ଏହା ମଧ୍ୟରୁ ଗୋଟିଏ ବିକଳ୍ପ ବାଛିବାକୁ ରାଜ୍ୟ ଗୁଡିକୁ ଏକ ସପ୍ତାହ ସମୟ ଦିଆଯାଇଛି। ପ୍ରଥମ ବିକଳ୍ପ ଅନୁଯାୟୀ ରାଜ୍ୟ ଗୁଡିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିକଟରୁ ୯୭,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ଋଣ ମିଳିବ, ଯାହା ଉପରେ ଖୁବ୍ କମ୍ ସୁଧ ହାର ପଡିବ। ଦ୍ୱିତୀୟ ବିକଳ୍ପରେ ହ୍ରାସ ଘଟିବାକୁ ଥିବା ସମ୍ପୂର୍ଣ୍ଣ ୨.୩୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ବାବଦ ବ୍ୟବଧାନ ଅର୍ଥକୁ ରାଜ୍ୟ ଗୁଡିକ ଦ୍ୱାରା ରିଜର୍ଭ ବ୍ୟାଙ୍କ ସହାୟତାରେ ବହନ କରାଯିବ। ସୂଚନାଯୋଗ୍ୟ ଯେ, କରୋନା ମହାମରୀ ଯୋଗୁ ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଜିଏସ୍‌ଟି କ୍ଷତିପୂରଣ ବାବଦରେ କେନ୍ଦ୍ର ସରକାରଙ୍କୁ ୧.୫ଲକ୍ଷ କୋଟି ଟଙ୍କା ପଇଠ କରିବାର ଥିଲା। ତେବେ ଏପ୍ରିଲ ଏବଂ ମେ' ମାସରେ ଜିଏସ୍ ସଂଗ୍ରହରେ କେନ୍ଦ୍ର ସରକାରଙ୍କ ଆୟ ବହୁତ ହ୍ରାସ ପାଇଥିଲା। ଆଜିର ଏହି ଜିଏସ୍‌ଟି ପରିଷଦ ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର, ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥ ମନ୍ତ୍ରୀ ଏବଂ କେନ୍ଦ୍ର ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ପ୍ରମୁଖ ଉପସ୍ଥିତଥିଲେ।

## କେମିତି କଟିବ ଏ ସପ୍ତାହ

**ମେଷ** — ପାରିବାରିକ କଳହରୁ ମୁକ୍ତି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂତନ ଯାନ କ୍ରୟ କରିପାରନ୍ତି। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ବ୍ୟବସାୟରେ ଉନ୍ନତି ହେବ

**ବୃଷ** — ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ପଡି ରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ଛାତ୍ରଛାତ୍ରୀମାନେ ଶୁଭଫଳ ପ୍ରାପ୍ତ ହେବେ। ବିଦେଶ ଭ୍ରମଣ କରିପାରନ୍ତି।

**ମିଥୁନ** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**କର୍କଟ** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାର ସମାଧାନ ଘଟିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।

**ସିଂହ** — ଜମିଜମା ବିବାଦ ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତି ବଜାୟ ରହିବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ବ୍ୟବସାୟରେ ଅଧିକ ଲାଭବାନ ହେବା ସହିତ ଉନ୍ନତି କରିବେ।

**କନ୍ୟା** — ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଚାକିରୀ କ୍ଷେତ୍ରରେ ଲାଗିରହିଥିବା ବିବାଦର ସମାଧାନ ହେବ। ରାଜନୈତିକ ବ୍ୟକ୍ତିମାନେ ମିଶ୍ରଫଳ ପ୍ରାପ୍ତ କରିବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ତୁଳା** — ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ବିବାଦର ସମାଧାନ ହେବ।

**ବିଛା** — ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ନୂତନ ଗୃହ ନିର୍ମାଣ କରିବେ। ବିଦ୍ୟାର୍ଥୀମାନେ ପାଠପଢ଼ାରେ କୃତକାର୍ଯ୍ୟ ହେବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରହିବେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ।

**ଧନୁ** — ଗୃହରେ ଶାନ୍ତିର ବାତାବରଣ ବଜାୟ ରହିବ। ବୈବାହିକ ଜୀବନ ସୁଖମୟ ହେବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ କୃତିତ୍ୱ ହାସଲ କରିବେ। ବଡ କମ୍ପାନୀରେ ଚାକିରି ମିଳିପାରେ।

**ମକର** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ମନମାଳିନ୍ୟ ହେବ। ବିବାହ ଆଶାୟୀମାନେ ଅଶୁଭଫଳ ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ରୁହନ୍ତୁ।

**କୁମ୍ଭ** — ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଲାଗିରହିବ। ଧନପ୍ରାପ୍ତିର ସୁଯୋଗ ରହିଛି। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବ୍ୟବସାୟରେ କ୍ଷତି ହେବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ।

**ମୀନ** — ବୈବାହିକ ଜୀବନ ଶାନ୍ତିରେ କଟିବ। ମାତାପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ସମାଜ ସେବାରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ କମ୍ ଲାଭବାନ୍ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଓଡ଼ିଶାରେ ପ୍ଲାଜମା ଚିକିତ୍ସା ସଫଳ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ରାଜ୍ୟରେ ପ୍ଲାଜମା ଚିକିତ୍ସା ସଫଳ ହୋଇଛି। ଅଧିକରୁ ଅଧିକ କୋଭିଡ୍ ରୋଗୀ ଏହି ଚିକିତ୍ସା ପଦ୍ଧତିରେ ସୁସ୍ଥ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କୋରାପୁଟର ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ରାଜ୍ୟର ଷଷ୍ଠ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍ ରୋଗ ପାଇଁ ପ୍ଲାଜମା ଚିକିତ୍ସା ପଦ୍ଧତିରେ ଓଡ଼ିଶା କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଏକ ଅଗ୍ରଗଣ୍ୟ ସ୍ଥାନ ହାସଲ କରିପାରିଛି। ଆମର ଡାକ୍ତର ଓ ମେଡିକାଲ ଟିମ୍‌ର ଦକ୍ଷତା ଓ ପ୍ରତିବଦ୍ଧତା ଯୋଗୁ ଏହା ସଫଳ ହୋଇପାରିଛି ଏବଂ ଆମେ ସେମାନଙ୍କ ପାଇଁ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର ସବୁ ନାଗରିକଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର କେହି ଜଣେ ବି ରୋଗୀ ଅତ୍ୟାଧୁନିକ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ। ବର୍ତ୍ତମାନ ଏହି ନୂଆ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟିତ ହେବା ଦ୍ୱାରା ରାଜ୍ୟର ସବୁ ଅଞ୍ଚଳର କୋଭିଡ୍ ରୋଗୀମାନେ ପ୍ଲାଜମା ଚିକିତ୍ସାର ସୁବିଧା ପାଇପାରିବେ। ଆଦିବାସୀବହୁଳ କୋରାପୁଟ ଜିଲ୍ଲାରେ ଏହି ବ୍ୟାଙ୍କ ଖୋଲିବା ଦ୍ୱାରା ସେହି ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଆଉ ଏକ ମାଇଲଷ୍ଟୋନ ହୋଇପାରିଛି ଏବଂ ଆଧୁନିକ ଚିକିତ୍ସା ପଦ୍ଧତି ଉପରେ ଆମର ଜନଜାତି ଭାଇଭଉଣୀଙ୍କ ଆସ୍ଥା ଓ ବିଶ୍ୱାସକୁ ଅଧିକ ସୁଦୃଢ଼ କରିଛି ବୋଲି ସେ କହିଥିଲେ। ଏହି ଅବସରରେ କୋଭିଡରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିମାନେ ପ୍ଲାଜମା ଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷା ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ପୁଣିଥରେ ଆହ୍ୱାନ ଜଣାଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଓ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଥିଲେ ଯେ, କୋରାପୁଟରେ ପ୍ଲାଜମା ବ୍ୟାଙ୍କ ସ୍ଥାପନ ହେବା ଦ୍ୱାରା ଓଡ଼ିଶାର ଦକ୍ଷିଣାଞ୍ଚଳ କୋଭିଡ୍ ରୋଗୀମାନେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ସଫଳ କରି ପ୍ଲାଜମା ଦାନ କରିବା ପାଇଁ ଯୋଗ୍ୟ ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଆଗେଇ ଆସିବାକୁ ଦୁଇ ମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ଲାଜମା ବ୍ୟାଙ୍କ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା ଏବଂ ମୁଖ୍ୟମନ୍ତ୍ରୀ ଜଣେ ପ୍ଲାଜମା ଦାତାଙ୍କ ସହ କଥା ହୋଇ ତାଙ୍କର ମହନୀୟତା ପାଇଁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ କୋରାପୁଟ ବିଧାୟକ ରଘୁରାମ ପଡାଲ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ନଭେମ୍ବରରେ ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା

**ଭୁବନେଶ୍ୱର :** କରୋନା ପାଇଁ ଲକଡାଉନ୍ ଏବଂ ସଟଡାଉନ୍ ଲାଗି ଅନେକ ସମସ୍ୟା ହେଉଛି। ଫଳରେ ସାଧାରଣ ପରିବହନ ବ୍ୟବସ୍ଥା ବନ୍ଦ ରହିଛି। ତେବେ ଏପରି ସମସ୍ୟାକୁ ନଜର ଦେଇ ଦୁଇଟି ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ସେପ୍ଟେମ୍ବରରେ ହେବାକୁ ଥିବା ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ସେପ୍ଟେମ୍ବର ବଦଳରେ ନଭେମ୍ବର ମାସରେ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ପରୀକ୍ଷା ତାରିଖ ସ୍ଥିର କରାଯାଇନାହିଁ। ସରକାରଙ୍କୁ ନିୟମାବଳୀ ଓ ସଂକ୍ରମଣ ସ୍ଥିତିକୁ ଦେଖି ପରବର୍ତ୍ତୀ ସମୟରେ ତାରିଖ ଧାର୍ଯ୍ୟ କରାଯିବ। ସେହିପରି ସେପ୍ଟେମ୍ବର ୩୦ ତାରିଖରେ ହେବାକୁ ଥିବା ସିପେଟ ୨୦୨୦ ଏକକ ପିଜି ପ୍ରବେଶିକା ପରୀକ୍ଷାକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ସେପ୍ଟେମ୍ବର ୩୦ ପରିବର୍ତ୍ତେ ଅକ୍ଟୋବର ୧୦ରୁ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ତାରିଖ ଘୁଞ୍ଚାଯିବା ସହ ପରୀକ୍ଷା ପାଇଁ ଆବେଦନ ଅବଧି ମଧ୍ୟ ବୃଦ୍ଧି କରାଯାଇଛି। ଇଚ୍ଛୁକ ପରୀକ୍ଷାର୍ଥୀମାନେ ଅଗଷ୍ଟ ୩୧ ପରିବର୍ତ୍ତେ ସେପ୍ଟେମ୍ବର ୧୦ ଯାଏ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଏହା ପରେ ନଭେମ୍ବର ୭ରେ ରାଜ୍ୟସ୍ତରୀୟ ମେଧା ତାଲିକା ପ୍ରକାଶ ପାଇବ। ନଭେମ୍ବର ୩୦ ସୁଦ୍ଧା ପିଜି ନାମଲେଖା ଶେଷ ହେବ ଏବଂ ଡିସେମ୍ବର ୩ରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ନୀତି ଆୟୋଗ ରିପୋର୍ଟ**

# ଏକ୍ସପୋର୍ଟ ଇକୋସିଷ୍ଟମ ପିଲାରରେ ଓଡ଼ିଶା ଦେଶରେ ଦ୍ୱିତୀୟ




**ଭୁବନେଶ୍ୱର :** ନୀତି ଆୟୋଗ ପକ୍ଷରୁ ଏକ୍ସପୋର୍ଟ ପ୍ରିପାରେଡନେସ୍ ଇଣ୍ଡେକ୍ସ ୨୦୨୦ ପ୍ରକାଶ ପାଇଛି। ଦେଶର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ଦେଶର ୮ଟି ଉପକୂଳ ରାଜ୍ୟ ମଧ୍ୟରୁ ଓଡ଼ିଶା ୫୮.୨୩ ପ୍ରତିଶତ ସହ ୪ ନମ୍ବରରେ ରହିଛି। ଓଭରଅଲ ରାଙ୍କିଂରେ ଦେଶରେ ଓଡ଼ିଶା ୫ ନମ୍ବର ସ୍ଥାନରେ ରହିଛି। ପଲିସି ପିଲାରରେ ଓଡ଼ିଶା ୭୧.୨୯% ହାସଲ କରିଛି। ସେହିଭଳି ବିଜନେସ୍ ଇକୋସିଷ୍ଟମ ପିଲାରରେ ଓଡ଼ିଶାର ସ୍କୋର ହେଉଛି ୫୫.୮୧%। ଏକ୍ସପୋର୍ଟ ଇକୋସିଷ୍ଟମ ପିଲାରରେ ମହାରାଷ୍ଟ୍ର ତଳକୁ ୬୫.୯୪% ସହ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା। ଏକ୍ସପୋର୍ଟ ପର୍ଫମାନ୍ସ ପିଲାରରେ ଓଡ଼ିଶା ୪୨.୨୯% ସ୍କୋର କରିଛି। ଉପକୂଳ ରାଜ୍ୟ ଗୁଡିକ ମଧ୍ୟରେ ଓଡ଼ିଶାର ପ୍ରଦର୍ଶନ ଭଲ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଓଡ଼ିଶାରେ ବ୍ୟବସାୟ ପ୍ରତିଷ୍ଠା ଓ ପରିଚାଳନା ଅନ୍ୟ ରାଜ୍ୟ ଅପେକ୍ଷା ଶସ୍ତା ଅଟେ। ଇଜ୍ ଅଫ୍ ଡୁଇଂ ବିଜିନେସରେ ଓଡ଼ିଶାର ସ୍କୋର ୯୨.୦୮% ରହିଛି। ଏକ୍ସପୋର୍ଟ ଇକୋସିଷ୍ଟମରେ ମହାରାଷ୍ଟ୍ର, ଓଡ଼ିଶା ଭଳି ଉପକୂଳ ରାଜ୍ୟଙ୍କ ସହ ଟପ୍ ୩ରେ ଅଛି ରାଜସ୍ଥାନ ଭଳି ରାଜ୍ୟ। ବ୍ୟବସାୟ ସହାୟତାରେ ଓଡ଼ିଶା ଭଲ ପ୍ରଦର୍ଶନ କରୁଥିବା ରିପୋର୍ଟରେ କୁହାଯାଇଛି। ବ୍ୟବସାୟୀଙ୍କ ରପ୍ତାନୀ ଅଭ୍ୟାସ ବୃଦ୍ଧି ପାଇଁ ଓଡ଼ିଶା ୨୪ଟି କର୍ମଶାଳା ଆୟୋଜନ କରିଛି। ଗବେଷଣା ଓ ଭିତ୍ତିଭୂମି ଉନ୍ନତିକରଣ କରୁଥିବା ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି।

# ୧୫ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେଟର୍ସ ପାଇଁ ୧.୨୩ କୋଟି

**ଭୁବନେଶ୍ୱର :** ରାଜ୍ୟର ୧୫ଟି ଷ୍ଟାର୍ଟ ଅପ୍ ଓ ଗୋଟିଏ ଇନ୍‌କ୍ୟୁବେଟର୍ସ ନିମନ୍ତେ ଷ୍ଟାର୍ଟଅପ୍ ଓଡ଼ିଶା ଟାସ୍କଫୋର୍ସ ସହାୟତା ରାଶି ଭାବେ ୧.୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭର୍ଚୁଆଲ୍ ବୈଠକରେ ଏହା ଘୋଷଣା କରାଯାଇଛି। ଏହି ଅର୍ଥ ଓଡ଼ିଶା ଷ୍ଟାର୍ଟଅପ୍ ପଲିସି ଅଧୀନରେ ସ୍ୱୀକୃତି ଓ ପ୍ରୋତ୍ସାହନ ଭାବେ ପ୍ରଦାନ କରାଯାଇଛି। ମିରାକ୍ୟୁଲେସ୍ ମେଡ୍ ସଲ୍ୟୁସନ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅନନ୍ୟ ରକ୍ତ ଜମାଟକାରୀ ପାଉଡର ଯାହାକି ପ୍ରସ୍ତୁତକାରୀଙ୍କ ଦାବି ପ୍ରକାରେ ଏହା ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ରକ୍ତ ଜମାଟ ୪୦ ସେକେଣ୍ଡ ମଧ୍ୟରେ କରିବା ବିକଶିତ ବୈଷୟିକ ଜ୍ଞାନକୌଶଳ ଉପରେ ଟାସ୍କଫୋର୍ସ କମିଟିର ସଦସ୍ୟମାନେ ଖୁସି ବ୍ୟକ୍ତ କରିଥିଲେ। ଏହି ଷ୍ଟାର୍ଟଅପ୍ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ହୋଇଛି ଏବଂ ଏହା ବଜାରରେ ଉପଲବ୍ଧ ହେବା ପୂର୍ବରୁ ୟୁଏସ୍‌ଏଫ୍‌ଡିଏ ଦ୍ୱାରା ସ୍ୱୀକୃତି ଲାଭ କରିବାର ଲକ୍ଷ୍ୟ ରଖିଛି। ଅନ୍ୟ ବିକଶିତ ଯନ୍ତ୍ରାଂଶ ମଧ୍ୟରେ ଦୀର୍ଘ ସମୟ କମ୍ପ୍ୟୁଟର ଆଗରେ ବସୁଥିବା ବ୍ୟକ୍ତିଙ୍କ ବସିବା ମୁଦ୍ରାରେ ସୁଧାର ଆଣିବା ଯନ୍ତ୍ର, ସାନିଟାରୀ ନାପ୍‌କିନ୍‌ର ସୌରଶକ୍ତିରେ ଶୁଖାଇବା ଯନ୍ତ୍ର ଏବଂ ଧାନ କୁଣ୍ଡାରୁ ପ୍ରୋଟିନ୍ ପ୍ରସ୍ତୁତ ଆଦି ରହିଛି। ଏଥି ସହିତ ଟାସ୍କ ଫୋର୍ସ ଅନ୍ୟ ଚାରୋଟି ଶିକ୍ଷାନୁଷ୍ଠାନକୁ ଓଡ଼ିଶା ଷ୍ଟାର୍ଟଅପ୍ ପଲିସି ଅଧୀନରେ ସ୍ୱୀକୃତି ପ୍ରଦାନ କରିଛି। ଏଥିରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସିପେଟ୍, ଏଆଇସି ନାଳନ୍ଦା ଏବଂ ଏଆଇସି ସିଭିରମଣ ଅନ୍ତର୍ଭୁକ୍ତ। ଏହି ନୂତନ ଇନ୍‌କ୍ୟୁବେଟର୍ସ ବ୍ୟତୀତ ଷ୍ଟାର୍ଟଅପ୍ ଓଡ଼ିଶା ଉପକ୍ରମ ଅଧୀନରେ ୧୭ଟି ଇନ୍‌କ୍ୟୁବେଟର୍ସ ପଞ୍ଜିକୃତ ହୋଇ ଏହା ରାଜ୍ୟର ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍ କୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କର ଏ କ୍ଷେତ୍ରରେ ରହିଥିବା ପ୍ରତିବଦ୍ଧତାକୁ ଟାସ୍କଫୋର୍ସ ଉଚ୍ଚପ୍ରଶଂସା କରିବା ସହ ଓଡ଼ିଶା ଦେଶର ପ୍ରଥମ ତିନୋଟି ଷ୍ଟାର୍ଟଅପ୍ ମଧ୍ୟରେ ସ୍ଥାନିତ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଷ୍ଟାର୍ଟ ଅପ୍ ଉପକ୍ରମ ଅଧୀନରେ ଏଯାବତ୍ ୬୮୪ଟି ଷ୍ଟାର୍ଟଅପ୍ ଏବଂ ୧୭ଟି ଇନ୍‌କ୍ୟୁବେଟର୍ସ ପଞ୍ଜିକୃତ ହୋଇପାରିଛି। ଷ୍ଟାର୍ଟଅପ୍ ଉପଯୋଗୀ ବାତାବରଣ ଏବଂ ରାଜ୍ୟ ସରକାରଙ୍କ ପ୍ରଭାବୀ ଶିଳ୍ପନୀତି ଯୋଗୁଁ ୨୦୧୮ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିପାରିଥିଲା। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ସଂଜୟ କୁମାର ସିଂ, ଶିଳ୍ପ ନିର୍ଦ୍ଦେଶକ ଜି. ରେଘୁ, ସିଇଓ ଓକାକ୍, ନିର୍ଦ୍ଦେଶକ ଏସ୍‌ଟିପିଆଇ ଏବଂ ଅଧକ୍ଷ, ଟିଆଇଇ, ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ।

# କମିଲା ୩୦% ସିଲାବସ୍

**ଭୁବନେଶ୍ୱର :** ମହାମାରୀ କରୋନା ପାଇଁ ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ହେବ ପିଲାମାନେ ସ୍କୁଲ ଯାଇପାରୁ ନଥିବା ବେଳେ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏପରି ସ୍ଥିତିରେ ଚଳିତ ବର୍ଷ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିଲାବସ୍‌କୁ ୩୦% ହ୍ରାସ କରାଯାଇଛି। ଏନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ୩ଟି କମିଟିର ସୁପାରିସ ଆଧାରରେ ସିଲାବସ୍‌କୁ ହ୍ରାସ କରାଯାଇଛି। ନୂଆ ସିଲାବସ୍ ବୋର୍ଡ, ସିଏଚ୍‌ଏସ୍‌ଇ, ଏସ୍‌ସିଇଆରଟି ୱେବ୍‌ସାଇଟ୍‌ରେ ମିଳିବ ବୋଲି କହିଛନ୍ତି ମନ୍ତ୍ରୀ। ସିଏସ୍‌ଇଆରଟି କମିଟି ସୁପାରିଶ ଅନୁସାରେ ପ୍ରଥମରୁ ଅଷ୍ଟମ, ବିଏସ୍‌ଇର ସୁପାରଶ ଅନୁସାରେ ନବମ ଓ ଦଶମ ଶ୍ରେଣୀ ଏବଂ ସିଏଚ୍‌ଏସ୍‌ଇ କମିଟିର ସୁପାରିଶ ଅନୁସାରେ +୨ ସିଲାବସରେ ୩୦% ହ୍ରାସ କରାଯାଇଛି। ହେଲେ +୨ ପାଠ୍ୟକ୍ରମରେ ସେମିତି କିଛି ପରିବର୍ତ୍ତନ ହୋଇନାହିଁ, ଯାହାଫଳରେ +୨ ପରେ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାମାନେ ସମସ୍ୟାରେ ପଡିବେ ବୋଲି କହିଛନ୍ତି ମନ୍ତ୍ରୀ। ସୂଚନାଥାଉ କି, କରୋନା ଭୟାବହତା ଯୋଗୁ ଦୀର୍ଘଦିନ ହେଲା ସ୍କୁଲ, କଲେଜ ବନ୍ଦ ରହିଛି। ଏହ କେବେ ଖୋଲିବ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି। ଏପରି ସ୍ଥିତିରେ ପିଲାଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରୁ ନଥିବା ବେଳେ ସିଲାବସ୍ ହ୍ରାସ ନିମନ୍ତେ ଅଭିଭାବକମାନେ ଦାବି କରି ଆସୁଥିଲେ। ଏ ଦିଗରେ ବିଚାର, ବିମର୍ଶ ପରେ ସିଲାବସକୁ ୩୦% କମାଇ ଦିଆଯାଇଥିବା କହିଛନ୍ତି ମନ୍ତ୍ରୀ।

# 'ଆଧାର' ନଥିଲେ ବି ମିଳିବ ଭତ୍ତା




**ଭୁବନେଶ୍ୱର :** କରୋନା ମହାମାରୀ ଯୋଗୁ ଜୀବନଜୀବିକା ବାଧାପ୍ରାପ୍ତ ହୋଇଥିବା ବେଳେ 'ଆଧାର କାର୍ଡ' ନଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଓ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ମାସିକ ଭତ୍ତା ମିଳିବ। ଏହାସହିତ ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ଅତିରିକ୍ତ ଏକ ହଜାର ଟଙ୍କାର କୋଭିଡ୍ ସହାୟତା ମଧ୍ୟ ଯୋଗାଇ ଦେବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯିବା ସହ ଆଧାର କାର୍ଡ ନଥିବା ହିତାଧିକାରୀଙ୍କୁ ତୁରନ୍ତ ତାହା ଯୋଗାଇବା ନିମନ୍ତେ ବ୍ଲକ ଓ ପୌର ପ୍ରଶାସନକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ସଚିବ ଭାସ୍କରଜ୍ୟୋତି ଶର୍ମା ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି 'ଆଧାର' ନଥିବା ଯୋଗୁ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ପେନସନରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି କେହି ବଞ୍ଚିଛନ୍ତି ଓ ଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ ହେଉଛନ୍ତି ତା'ହେଲେ ଆଧାର ନଥିବା ଯୋଗୁ ତାଙ୍କୁ ପେନସନରୁ ବଞ୍ଚିତ ରଖାଯାଇ ପାରିବ ନାହିଁ। ସ୍ଥାନୀୟ ପ୍ରଶାସନ ଏଭଳି ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆସନ୍ତା ଭତ୍ତା ବଣ୍ଟନ ପୂର୍ବରୁ ଆଧାର କାର୍ଡ ଯୋଗାଇ ଦେବାକୁ ପଦକ୍ଷେପ ନେବେ। ଏକ ୱେବ ଆଧାରିତ ସିଷ୍ଟମରେ ଥିବା ତଥ୍ୟକୁ ଆଧାର କରି ହିତାଧିକାରୀଙ୍କୁ ସହାୟତା ଦେବାକୁ କୁହାଯାଇଛି। ବିଭାଗର ୱେବ୍‌ସାଇଟ୍‌ରେ ମଧୁବାବୁ ପେନସନ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାର ହିତାଧିକାରୀଙ୍କ ଡାଟାବେସ୍ ରହିଛି। ଯେଉଁ ହିତାଧିକାରୀମାନଙ୍କର ଆଧାର ନାହିଁ ସେମାନଙ୍କର ନାଁ ମଧ୍ୟ ରହିଛି। ତେଣୁ ପୌର ଓ ବ୍ଲକ କର୍ତ୍ତୃପକ୍ଷ ଏଭଳି ହିତାଧିକାରୀଙ୍କଠାରୁ ଦରଖାସ୍ତ ଓ ଅନ୍ୟାନ୍ୟ ଦସ୍ତାବିଜ୍ ସଂଗ୍ରହ କରି ଆସନ୍ତା ମାସରେ ଭତ୍ତା ବଣ୍ଟନ ବେଳେ ସେମାନଙ୍କୁ ଯୋଗାଇ ଦେବେ। କେବଳ ସେତିକି ନୁହେଁ, ଯେଉଁମାନେ ଦୃଷ୍ଟିହୀନ, କୁଷ୍ଠରୋଗୀ, ମାନସିକ ଭିନ୍ନକ୍ଷମ ଓ ଅଧିକ ବୃଦ୍ଧ ସେମାନଙ୍କ ଆଧାର ନମ୍ବର ପ୍ରସ୍ତୁତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଆଧାର ନଥିବା ହିତାଧିକାରୀଙ୍କୁ ଦିଆଯାଉଥିବା ପେନସନର ସମସ୍ତ ତଥ୍ୟକୁ ସଂଗ୍ରହ କରି ଇ-ମେଲ୍ ଓ ୱେବପୋର୍ଟାଲ ମାଧ୍ୟମରେ ପଠାଇବାକୁ କୁହାଯାଇଛି। ସୂଚନାଥାଉ କି, ଆଧାର କାର୍ଡ ନଥିବା ଯୋଗୁ ଗରିବ ଯୋଗ୍ୟ ହିତାଧିକାରୀମାନେ ନିଜର ମାସିକ ପେନସନ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଯାହାକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଏବେ ଉଭୟ ଯୋଜନାରେ ପ୍ରାୟ ୪୯ଲକ୍ଷ ହିତାଧିକାରୀ ମାସିକ ଭତ୍ତା ପାଉଛନ୍ତି।

# ରାଜ୍ୟରେ ଆରୋଗ୍ୟ ହାର ୭୧.୩%, ମୃତ୍ୟୁହାର ୦.୫%

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ସ୍କୁଲ କଲେଜ ପୂଜା ଛୁଟି ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ଗ୍ରାମ୍ୟ ଅର୍ଥନୀତିର ପୁନଃରୁଦ୍ଧାର ପାଇଁ ଅଧିକ ଋଣ ସହାୟତା, ଏମ୍‌ଏସ୍‌ଏମ୍‌ଇ, କୃଷି, ମତ୍ସ୍ୟ ଓ ପଶୁପାଳନ ଏବଂ ଏସ୍‌ଏଚ୍‌ଜି ଉପରେ ଅଧିକ ଫୋକସ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ପରିସ୍ଥିତି ଯୋଗୁ ଅନ୍ୟ ରାଜ୍ୟରୁ ଆସିଥିବା ଭାଇଭଉଣୀମାନେ ଯେପରି ଓଡ଼ିଶାରେ ରୋଜଗାର ପାଇପାରିବେ, ସେଥିପାଇଁ ସେମାନଙ୍କୁ ଛୋଟ ଛୋଟ ବ୍ୟବସାୟ ପାଇଁ ରିହାତିରେ ଋଣ ଯୋଗାଇ ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ନିର୍ମାଣ ଶ୍ରମିକ ଯୋଜନାରେ ସେମାନଙ୍କର ଦକ୍ଷତା ନିରୂପଣ ଓ ପଞ୍ଜିକରଣ ସୁବିଧାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଛେଳି, କୁକୁଡା ପାଳନ, ମତ୍ସ୍ୟ ଚାଷ ଆଦି ବିଭିନ୍ନ ଜୀବିକା କାର୍ଯ୍ୟକ୍ରମ ଲୋକଙ୍କୁ ରୋଜଗାର ଦେବାରେ ବିଶେଷ ସଫଳ ହେଉଥିବାରୁ, ଏହାକୁ ଅଧିକ ବ୍ୟାପକ କରିବା ଏବଂ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମାସ୍କ ତିଆରିରେ ନିୟୋଜିତ ଥିବା ଏସ୍‌ଏଚ୍‌ଜିର ମା' ମାନେ ଯେଭଳି ଏହି ସମୟରେ ରୋଜଗାର କରିପାରିବେ, ସେଥିପାଇଁ ବିଧାୟକ ଆଞ୍ଚଳିକ ବିକାଶ ପାଣ୍ଠି ଅର୍ଥରେ ଏସ୍‌ଏଚ୍‌ଜିରୁ ମାସ୍କ କିଣାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏସ୍‌ଏଚ୍‌ଜି ମାନେ ଯେପରି ସୁବିଧାରେ ଋଣ ପାଇପାରିବେ, ସେଥିପାଇଁ ଦୃଷ୍ଟି ରଖିବା ସହିତ ବ୍ୟାଙ୍କ ମାନଙ୍କ ସହିତ ଯୋଗାଯୋଗରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟ ବିଶେଷ କରି ଗୃହ ନିର୍ମାଣ କାମ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଚାଷୀମାନଙ୍କୁ ସୁବିଧାରେ ଏବଂ ଶୀଘ୍ର କୃଷି ଋଣ ଯୋଗାଣ ଏବଂ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପର ପୁନରୁଦ୍ଧାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ପରିଚାଳନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାମାରୀ ସମୟରେ ଆତ୍ମସନ୍ତୋଷ ହିଁ ସବୁଠାରୁ ବଡ ଶତ୍ରୁ। ତେଣୁ ସାଧାରଣ ଲୋକ ହୁଅନ୍ତୁ, ବା ସରକାରୀ କର୍ମଚାରୀ ସମସ୍ତେ ଏଥିପ୍ରତି ସତର୍କ ରହି କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟରେ ଅଧିକ ଟେଷ୍ଟିଂ କରାଯାଉଥିବା ସହିତ ପଜିଟିଭ୍ ହାର କମିଥିବା ଏବଂ ମୃତ୍ୟୁ ହାର ମଧ୍ୟ କମିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ହଟ୍‌ସ୍ପଟ୍ ଜିଲ୍ଲା ମାନଙ୍କରେ ଯେଉଁ ଅଞ୍ଚଳ ଭିତ୍ତିକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି, ତାକୁ କଡାକଡି ଭାବରେ ପାଳନ କରିବା ସହିତ ଆଗାମୀ ସପ୍ତାହ ବେଳକୁ ଯେଭଳି ପରିସ୍ଥିତିରେ ଆଖିଦୃଶିଆ ଉନ୍ନତି ଆସିପାରିବ, ସେ ଦଗରେ କାମ କରିବା ପାଇଁ ଜିଲ୍ଲା ପର୍ଯ୍ୟବେକ୍ଷକ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଆଞ୍ଚଳିକ କୋଭିଡ୍ ଚିକିତ୍ସାଳୟ ମାନଙ୍କରେ ଆବଶ୍ୟକ ମୁତାବକ ଆଇସିୟୁ ଶଯ୍ୟାର ଉପଲବ୍‌ଧତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ତା' ସହିତ କୋଭିଡ୍ ନିୟମାବଳୀକୁ କଡାକଡି ଭାବରେ ପାଳନ କରି ସରକାରୀ ଅଫିସ ଗୁଡିକୁ ସଂକ୍ରମଣମୁକ୍ତ ରଖିବାକୁ ସବୁପ୍ରକାର ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ଯୋଦ୍ଧା ମାନଙ୍କ ଭିତରେ ସଂକ୍ରମଣ ହାର କମୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ମାସ୍କର ବ୍ୟବହାର, ସାମାଜିକ ଦୂରତା ବିଷୟରେ ଆହୁରି ଜନସଚେତନତା କରିବା ପାଇଁ ପରାମର୍ଶ ଦେଇଥିଲେ। ସହିଦ୍ କୋଭିଡ୍ ଯୋଦ୍ଧା ମାନଙ୍କର ବ୍ୟକ୍ତିଗତ ପାଉଣା ଆସନ୍ତା ଶୁକ୍ରବାର ସୁଦ୍ଧା ତାଙ୍କ ଆତ୍ମୀୟ ମାନଙ୍କୁ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିଲେ। କୃଷି ମନ୍ତ୍ରୀ ଅରୁଣ ସାହୁ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗ୍ରାମ୍ୟ ଅର୍ଥନୀତି ପୁନରୁଦ୍ଧାର ପ୍ୟାକେଜ, ପ୍ଲାଜମା ସଂଗ୍ରହ ଏବଂ ଅନ୍ୟ ରାଜ୍ୟରୁ ଆସିଥିବା ଓଡ଼ିଆ ଶ୍ରମିକମାନଙ୍କର ପଞ୍ଜିକରଣ ସମସ୍ୟା ଆଦି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ରାଜ୍ୟର ଅର୍ଥନୀତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ ଜୁଲାଇ ମାସରୁ ପରିସ୍ଥିତିରେ ସୁଧାର ପରିଲକ୍ଷିତ ହେଉଛି ବୋଲି କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ତାଙ୍କ ଉପସ୍ଥାପନାରେ କୋଭିଡ୍ ସମ୍ପର୍କିତ ବିସ୍ତୃତ ସୂଚନା ଦେଇଥିଲେ। ଉପସ୍ଥାପନାରୁ ଜଣାଯାଇଛି ଯେ, ରାଜ୍ୟରେ ରିକୋଭରି ରେଟ୍ ଗତ ସପ୍ତାହରୁ ବଢ଼ି ୭୧.୩ ପ୍ରତିଶତରେ ପହଞ୍ଚିଥିବା ବେଳେ ମୃତ୍ୟୁହାର ହ୍ରାସ ପାଇ ୦.୫ ପ୍ରତିଶତ ହୋଇଛି। ୫୪ ପ୍ରତିଶତ ସକ୍ରିୟ ସଂକ୍ରମିତ ରୋଗୀ ଗୃହ ସଙ୍ଗରୋଧରେ ରହୁଛନ୍ତି। ସେହିପରି ପୋଲିସ, ଅଗ୍ନିଶମ ଓ ଏନ୍‌ଡିଆରଏଫ୍ କର୍ମଚାରୀ ପ୍ଲାଜମା ଦାତାମାନଙ୍କ ମଧ୍ୟରେ ଆଗୁଆ ରହିଛନ୍ତି। କଟକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲା ପ୍ଲାଜମା ସଂଗ୍ରହ କ୍ଷେତ୍ରରେ ବହୁତ ଭଲ କାମ କରିଥିବା ବେଳେ ମାଲକାନଗିରି, ବୌଦ୍ଧ ଓ ରାୟଗଡ ଜିଲ୍ଲା ଗୃହ ସଙ୍ଗରୋଧ କ୍ଷେତ୍ରରେ ବହୁତ ଭଲ କାମ କରିଛନ୍ତି। ଆସନ୍ତା ୨୮ ତାରିଖରୁ ଭୁବନେଶ୍ୱରରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ରାଉରକେଲାରେ ପ୍ରଥମ ପର୍ଯ୍ୟାୟ ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଥିଲେ। କଟକ, ଖୋର୍ଦ୍ଧା, ସୁନ୍ଦରଗଡ ଓ ଗଞ୍ଜାମ ଜିଲ୍ଲାର କୋଭିଡ୍ ପରିସ୍ଥିତି ଓ ମୁକାବିଲା ସମ୍ପର୍କରେ ଜିଲ୍ଲା ପର୍ଯ୍ୟବେକ୍ଷକ ଓ ମ୍ୟୁନିସିପାଲ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କଟକରେ କୋଭିଡ୍ ମୁକାବିଲା ପାଇଁ ଯେକୌଣସି ଅତିରିକ୍ତ ସହାୟତା ଆବଶ୍ୟକ ହେଲେ ତୁରନ୍ତ ରାଜ୍ୟ ସରକାରଙ୍କୁ ଜଣାଇ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ରାଉରକେଲାରେ କୋଭିଡ୍ ମୁକାବିଲାରେ ନିୟୋଜିତ ବିଭିନ୍ନ ସଂସ୍ଥା ମାନଙ୍କ ମଧ୍ୟରେ ଅଧିକ ସମନ୍ୱୟ ରଖି କୋଭିଡ ପରିଚାଳନା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।



ସୁଖ ପାଖରେ ଜ୍ଞାନ
ନଥାଏ। ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୧ ଅଗଷ୍ଟ - ୦୬ ସେପ୍ଟେମ୍ବର, ୨୦୨୦

# ଦେଶ-ଦେଶ ଭିତରେ ଭଲ ସମ୍ପର୍କ ରହୁ

**ଶା**ନ୍ତିର ବାର୍ତ୍ତା ଦେଉଥିବା ଦେଶମାନେ ନିଜେ କେତେ ଶାନ୍ତ ତାହା ଚିନ୍ତା କଲେ ନିଶ୍ଚୟ ଏ କଥାଟି ସାମ୍ନାକୁ ଆସେ ଯେ, ସ୍ୱାର୍ଥ ଓ ବିସ୍ତାରବାଦୀ ମାନସିକତା ଯୋଗୁ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଲାଗୁ ବୋଲି ବିକଶିତ ରାଷ୍ଟ୍ରମାନେ ହିଁ ଚାହିଁଥାନ୍ତି। ଏହାର କାରଣ ଗୁଡିକ ବେଶ ସ୍ପଷ୍ଟ। ବିକାଶଶୀଳ ଓ କ୍ଷୁଦ୍ର ରାଷ୍ଟ୍ରମାନେ ନିଜର ସ୍ୱାର୍ଥ ସୁରକ୍ଷା ସହ ବ୍ୟବସାୟ ଜରିଆରେ ନିଜ ଦେଶର ଅଭିବୃଦ୍ଧିକୁ କିଭଳି ଆଗକୁ ନେଇପାରିବେ ତାହା ସେମାନଙ୍କ ପାଇଁ ଏକ ବଡ ଚିନ୍ତା। ତେବେ ଏଥିରେ ପ୍ରତିରକ୍ଷା ସାମଗ୍ରୀ, ଯୁଦ୍ଧାସ୍ତ୍ର ପ୍ରସ୍ତୁତ କରୁଥିବା ଦେଶ ଗୁଡିକ ଅଧିକ ଚତୁର ହୋଇ ଫାଇଦା ନେବାକୁ ବ୍ୟସ୍ତ ଥାନ୍ତି। ଯେହେତୁ ସେମାନଙ୍କ ଉତ୍ପାଦ ବିକ୍ରି ପାଇଁ ଏକ ବୃହତ ବଜାରର ଆବଶ୍ୟକତା ଥାଏ, ତେଣୁ ସେମାନେ ଗ୍ରାହକ ଖୋଜିବା ବା ଦେଶ ଖୋଜିବା କାର୍ଯ୍ୟ କିଭଳି ସୁଚିନ୍ତିତ ବାଗରେ କରିହେବ ତାହା ପ୍ରତି ଯତ୍ନବାନ ହେବା ସ୍ୱାଭାବିକ। ତେଣୁ ଦେଶ ବିଭାଜିତ ହେବା ପରେ ଭାରତ, ପାକିସ୍ତାନ ଓ ବାଂଲାଦେଶ ମହାଶକ୍ତି ହେବା ବଦଳରେ ନିଜ ନିଜ ଭିତରେ ଲଢ଼େଇ କରିବାକୁ ଗୁରୁତ୍ୱ ଦେବା ପଛରେ ଏହି ତଥାକଥିତ ବିଶ୍ୱର ବଡ ବଡ ରାଷ୍ଟ୍ର କୁହାଯାଉଥିବା ଦେଶ ମାନଙ୍କର ଯଥେଷ୍ଟ ଭୂମିକା ରହିଛି। ତେଣୁ ସେମାନେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜାଇ ନିଜ ବେପାର ଚିନ୍ତା ଆଗକୁ ବଢାଉଛନ୍ତି ବୋଲି ଭାବିବାକୁ ପଡିବ। କାରଣ ସମସ୍ତେ ସୁରକ୍ଷିତ ଓ ଶାନ୍ତିରେ ରହିଲେ ପ୍ରତିରକ୍ଷା ବେପାର ଚାଲିବ କିପରି? ଅତୀତରୁ ଆଜି ପର୍ଯ୍ୟନ୍ତ ଏଭଳି ଦୃଶ୍ୟପଟ୍ଟ ତାରତମ୍ୟର ପ୍ରାଚୀର ଗୁଡିକୁ ଯେମିତି ଅଧିକ ସୁଦୃଢ଼ କରିବାରେ ଲାଗିପଡିଛନ୍ତି ବିତ୍ତଶୀଳ ରାଷ୍ଟ୍ର। ତେଣୁ ସମ୍ପ୍ରତି ଏହି ଧାରାରେ ଯାଇ ଚୀନ ନିଜକୁ ସର୍ବଶ୍ରେଷ୍ଠ କହିବା ଆରମ୍ଭ କରିବା ପରେ ଆମେରିକା, ଋଷ, ଫ୍ରାନ୍ସ, ବ୍ରିଟେନ ଭଳି ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ତେଣୁ ଚୀନର ପଡୋଶୀ ରାଷ୍ଟ୍ର ଭାବେ ଭାରତକୁ ନିଜର ସହଯୋଗୀ ରାଷ୍ଟ୍ର ଭାବରେ ଗ୍ରହଣ କରିବାକୁ ଅନେକ ଦେଶ ପ୍ରତିଦ୍ୱନ୍ଦ୍ୱିତା କରିବା ଭଳି ପରିସ୍ଥିତି ସୃଷ୍ଟି କଲେଣି। ଭାରତ ମଧ୍ୟ ନିଜର ପୁରୁଣା ଶତ୍ରୁ ପାକିସ୍ତାନକୁ ପାନେ ଦେବା ପାଇଁ ନିଜର ସ୍ଥିତି ସୁଦୃଢ଼ କରିଚାଲିଛି। କାରଣ ଆତଙ୍କବାଦୀ କାର୍ଯ୍ୟକ୍ରମ ମାଧ୍ୟମରେ ପାକିସ୍ତାନ ସବୁବେଳେ ଭାରତ ସହ ଶତ୍ରୁତା ଜାରି ରଖିଛି। ଜଣେ ଉତ୍ତମ ପଡୋଶୀ ଭାବେ ଭାରତ ଯେତେବେଳେ ବି ପାକିସ୍ତାନ ସହ ସୁସମ୍ପର୍କ ରଖିବାକୁ ଚେଷ୍ଟା କରିଛି ପ୍ରତିବଦଳରେ ପାକିସ୍ତାନ ତାର ପୁରୁଣା ଅଭ୍ୟାସ ଜରିଆରେ ଭାରତର କ୍ଷତି କରିଚାଲିଛି। କିନ୍ତୁ ଚିତ୍ର ଯେବେ ବିପରୀତ ହୋଇଥାନ୍ତା ଭାରତ, ପାକିସ୍ତାନ ଓ ବାଂଲାଦେଶ ବିଶ୍ୱ ସମୂହର ଆକର୍ଷଣର କେନ୍ଦ୍ରବିନ୍ଦୁ ହେବା ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ପାଇପାରିଥାନ୍ତି। କେବଳ ଗୋଟିଏ କଥା ଉପରେ ଆଲୋକପାତ କଲେ ଏହାର ସତ୍ୟତା ଉପଲବ୍ଧି ହେବ। ଏହି ତିନି ଦେଶରେ କେବଳ ପର୍ଯ୍ୟଟନ ନିମନ୍ତେ ଯେତିକି ଐତିହ୍ୟ ଓ ପ୍ରାକୃତିକ ପରିବେଶ ଅଛି ତାହା ସମସ୍ତଙ୍କୁ ଆକୃଷ୍ଟ କରିବ। ପାଶ୍ଚାତ୍ୟ ଲୋକମାନେ ଏହିସବୁ ସ୍ଥାନକୁ ସୁରକ୍ଷିତ ଭାବେ ବୁଲି ଆସିଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ପ୍ରଚୁର ଅର୍ଥ ରୋଜଗାର ହୋଇପାରିଥାନ୍ତା। ଯାହାକି ଅର୍ଥନୀତି ସୁଦୃଢ଼ କରିବାରେ ବଡ ଭୂମିକା ତୁଲାଇ ପାରନ୍ତା। ହେଲେ ଦୀର୍ଘବର୍ଷ ହେବ ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁ ଭାରତକୁ ବିଦେଶୀ ପର୍ଯ୍ୟଟକ ଯେଭଳି ଆସିବା କଥା ତାହା ହୋଇପାରୁନାହିଁ। ଏହାଦ୍ୱାରା ପର୍ଯ୍ୟଟନ ଉପରେ ଏହାର କୁପ୍ରଭାବ ପଡି ପର୍ଯ୍ୟଟନ ଆୟ ହ୍ରାସ ପାଇଚାଲିଛି। ଏହାର ଏକମାତ୍ର କାରଣ ପଡୋଶୀ ଦେଶ ଯେଉଁ ଆତଙ୍କୀ କାରବାର ଚଳାଇଛି, ତାହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି। ତେଣୁ ନଈ ବଢ଼ିଲେ ଦୁଇ କୂଳ ଖାଇଲା ଭଳି ଦୀର୍ଘବର୍ଷରୁ ପାକିସ୍ତାନ ଭାରତ ବିରୋଧରେ ରଚୁଥିବା ଷଡଯନ୍ତ୍ରର ଶିକାର ନିଜେ ହେଉଥିବା କଥାଟିକୁ ହୃଦୟଙ୍ଗମ ନକରି ଯେଭଳି ଆଚରଣ ଦେଖାଇ ଚାଲିଛି ଏହାର ଫାଇଦା ଚୀନ ନେଉଛି ବୋଲି ପାକିସ୍ତାନ ବୁଝିପାରୁନାହିଁ। ଭାରତ ସହ ଶତ୍ରୁତା କାରଣରୁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ପାକିସ୍ତାନ ଠାରୁ ନିଜକୁ ଦୂରେଇ ନେଲେଣି। ଏହାର ପ୍ରମୁଖ କାରଣ ହେଉଛି ଆତଙ୍କବାଦ। ଜେହାଦ ନାଁରେ ପାକିସ୍ତାନ ଧର୍ମକୁ ଆୟୁଧ କରି ଭାରତ ସମେତ ଅଧିକାଂଶ ରାଷ୍ଟ୍ରରେ ନିଜର ଆତଙ୍କୀ ଗତିବିଧି ଚଳାଇବା ଦ୍ୱାରା ଅଧିକାଂଶ ଦେଶର ସନ୍ଦେହ ପରିଧି ଭିତରକୁ ଚାଲିଯାଇଛି ପାକ।



ସମ୍ପାଦକୀୟ
ତାରକ ମହାନ୍ତି

ପାକିସ୍ତାନ ନିଜ ମାଟିରେ ଚୀନକୁ ଏଭଳି ସହଯୋଗ ଦେଇଚାଲଇଛି ଯେ, ପ୍ରକାରାନ୍ତରେ ନିଜ ଦେଶର କେତେ କ୍ଷତି ହେଉଛି ବା ଆଗାମୀ ଭବିଷ୍ୟତରେ ଆହୁରି କେତେ ଅଧିକ କ୍ଷତି ହେବ ତାହା ସେ ଆକଳନ କରିପାରୁନାହିଁ। କାରଣ ଚୀନ ଭଳି ଏକ ବିସ୍ତାରବାଦୀ ଚିନ୍ତାଧାରା କରୁଥିବା ଦେଶ ଯେ, ଅଧିକରୁ ଅଧିକ ଜମି ଦଖଲ କରିଚାଲିବ ସେ ପ୍ରକାର ଆଶଙ୍କା ବୋଧେ ପାକିସ୍ତାନ କରିନାହିଁ। ଚୀନ ଏବେ ଭାରତ ସହ ସୀମାରେ ବିବାଦ ଠିଆ କରି ପାକିସ୍ତାନକୁ ସହଯୋଗ ଆଳରେ ସେଠାରେ ନିଜର ଆଧିପତ୍ୟ ବିସ୍ତାର କରୁଥିବା ସ୍ପଷ୍ଟ ଜଣାପଡେ। ଭାରତ ସହ ବିବାଦ ସୃଷ୍ଟି କରି ଚୀନ ଏବେ ବିଶ୍ୱ ଦରବାରରେ ଏକପ୍ରକାର ଏକଘରିକିଆ ଅବସ୍ଥାକୁ ଯାଇଛି। ଏଭଳି କାରଣ ପଛରେ ମହାମାରୀ କରୋନା ଓ ଭାରତର ସଫଳ କୂଟନୀତି ରହିଥିବା ବେଶ ପ୍ରମାଣ ମିଳୁଛି। ଏପରିକି ଆମେରିକା, ଜାପାନ ଓ ଋଷ ଭଳି ଦେଶ ଭାରତ ସପକ୍ଷରେ ମତ ସାବ୍ୟସ୍ତ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ବରଂ ଚୀନ ସହ ଏହି ସବୁ ଦେଶ କେବଳ ବାକ ଶତ୍ରୁତା ବା ରାଜନୈତିକ ଶତ୍ରୁତା ଅପେକ୍ଷା ଯୁଦ୍ଧ ଡାକରା ଦେଲା ଭଳି ପରିସ୍ଥିତି ସୃଷ୍ଟି କଲେଣି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନକୁ ଖୋଲା ବିରୋଧ କରିବା ସହ ବାଣିଜ୍ୟିକ ଓ ପାରସ୍ପରିକ ସମ୍ପର୍କରେ ଅନେକ ପ୍ରତିବନ୍ଧକ ଲଗାଇଛନ୍ତି। ଯାହାଫଳରେ ଯେଉଁ ବାଣିଜ୍ୟିକ ଅଭିବୃଦ୍ଧିର ରାଜସ୍ୱ ଦ୍ୱାରା ଚୀନ ନିଜର ଅର୍ଥନୀତିକୁ ସୁଦୃଢ଼ କରିପାରୁଥିଲା ସେଥିରେ ରୋକ ଲାଗିବା ଫଳରେ ଏହାର ପ୍ରଭାବ ନିଜ ଦେଶର ଅର୍ଥନୀତି ବରବାଦ ହୋଇଚାଲିଥିବା ପଦାକୁ ଜଣା ପଡୁନଥିଲେ ମଧ୍ୟ ଭବିଷ୍ୟତରେ ଏହା ନିଶ୍ଚୟ ଭୟଙ୍କର ରୂପ ଧାରଣ କରିବ ନିଃସନ୍ଦେହ। ତେଣୁ ଦେଶ-ଦେଶ ମଧ୍ୟରେ ସୁସମ୍ପର୍କ ଓ ଭଲ ବୁଝାମଣା ଅପରିହାର୍ଯ୍ୟ ଥିଲା ବେଳେ ଯେଉଁ ଦେଶର ଶାସକ ମାନେ ଏକଥାକୁ ବୁଝିନପାରି ହେଉ କିମ୍ବା ଅହଂକାର ବଶତଃ ଶାନ୍ତି ଅପେକ୍ଷା ଲଢ଼େଇ ଉପରେ ଜୋର ଦେଉଛନ୍ତି, ସେମାନେ ଯେ କେବଳ ଅନ୍ୟ ଦେଶର କ୍ଷତି ଚାହୁଁଛନ୍ତି ତାହା ନୁହେଁ ବରଂ ନିଜ ଦେଶର ନାଗରିକଙ୍କ ଜୀବିକା ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରାଯାଉଛି। ଶିକ୍ଷା ଓ ଗବେଷଣା ସାମ୍ପ୍ରତିକ ମଣିଷ ସମାଜ ପାଇଁ ବାସ୍ତବ ଆହ୍ୱାନ ହୋଇଥିଲା ବେଳେ ଏକପାଖିଆ ଅବିଚାର ଜରିଆରେ ସମସ୍ତଙ୍କୁ ଅନ୍ଧାର ଆଡକୁ ଠେଲିଦେବା କୌଣସି ସୁଶାସକର ଲକ୍ଷଣ ନୁହେଁ। ନିଜର ଉଗ୍ର ଭାବ ଦେଖାଇ ସାମାଜିକ ଭାବେ ଅନ୍ୟକୁ ଦାବି ହୋଇପାରେ, ମାତ୍ର ଏହା ସ୍ଥାୟୀ ନୁହେଁ। ଲୋଭ କିମ୍ବା ଅହଂକାର ବଶତଃ କୌଣସି ନିଷ୍ପତ୍ତି କେବେ ଲାଭଦାୟକ ହୋଇନପାରେ। ତେଣୁ ବିଚାର ବୁଦ୍ଧିସମ୍ପନ୍ନ ରାଷ୍ଟ୍ରଙ୍କମାନେ ଭବିଷ୍ୟତକୁ ଦୃଷ୍ଟି ଦେଇ ବର୍ତ୍ତମାନକୁ ପରିଚାଳିତ କରିଥାନ୍ତି। ଜାଣି ଜାଣି ବିପର୍ଯ୍ୟୟକୁ ଡାକି ପରେ ମନସ୍ତାପ କରିବା ଅଜ୍ଞତା ବୋଲି ବିଚାର କରାଯାଏ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜଣେ ଶାଶ୍ୱତ ସ୍ୱାଭିମାନୀର ମୁଖ ବାର୍ତ୍ତା

## ପଙ୍କଜ କୁମାର ପାଣିଗ୍ରାହୀ

ତୁମେ କୌଣସି ଅଲୌକିକ ଶକ୍ତିର ଆଧାର ନୁହଁ କି ଅଦୃଶ୍ୟ ନିରାକାରଙ୍କ ପ୍ରତିଛବି ନୁହଁ ଯିଏ ଆଶୀର୍ବାଦ କରିଦେଲେ ସଂସାରର ସବୁ ଦୁଃଖ ଚାଲିଯିବ ! ତୁମେ କୌଣସି ମାୟା ନଗରୀର ମାୟାବିନୀ ନୁହଁ କି ତୁମେ ଚାହିଁଦେଲେ ସମସ୍ତଙ୍କ ଭୋକିଲା ପେଟ ପୁରିଯିବ ! ତୁମେ ସକଳ ଶକ୍ତିର ଆଧାର ନୁହଁ ଯେ ତୁମେ ଇଚ୍ଛା ପ୍ରକାଶ କଲେ ଚତୁର୍ଦ୍ଦିଗ ବିକଶିତ ହୋଇଯିବ ! ତୁମେ ମଧ୍ୟ ମଣିଷ ସମାଜର ଜଣେ ସାଧାରଣ ନାଗରିକ ଥିଲ ଯାହା ଆଜି ମୋର ପରିଚୟ। କେଉଁ ପରିପ୍ରେକ୍ଷୀରେ କୌଣସି ଅଲୌକିକ ନଗରୀର ଆଶୀର୍ବାଦରୁ ତୁମେ ଆଜି ସଂସାରର ଏତେବଡ଼ ଲୋକ ହୋଇନାହଁ ବରଂ ଏହି ଆମ ସମାଜର କିଛି ଅଂଶରୁ ପ୍ରତିଫଳିତ କୌଣସି ଅବାଂଛିତ ସଂଯୋଗରୁ ତୁମର ବିକାଶ ଯାହା କେବଳ ତୁମର ପ୍ରତିଭାରୁ ନୁହଁ ବରଂ ଲୁଣ୍ଠିତ ବିକଳ୍ପରୁ, ତାହା ସମସ୍ତେ ଜାଣନ୍ତି ! ନିଜକୁ ବଡ଼ବୋଲି ପରିଚୟ ପ୍ରଦାନ କରୁଥିବା ମଣିଷ କେବେ ବଡ ହୋଇନାହିଁ କିମ୍ବା ହୋଇପାରିବ ନାହିଁ। ନିଜର ମିଥ୍ୟା ପ୍ରତିଭା ଦେଖାଇ କେବଳ ସମୟର ସ୍ରୋତରେ ନିଜକୁ ନିଜେ ସାବ୍ୟସ୍ତ କରିବା ସମ୍ଭବ ହୋଇପାରେ, କିନ୍ତୁ ସେହିଭଳି ମଣିଷର ନାମ କେବେ ଇତିହାସର ପୃଷ୍ଠା ମଣ୍ଡିତ କରିନାହିଁ କି କରିପାରିବ ନାହିଁ। ଏହା ତୁମର ଭ୍ରମ ହୋଇପାରେକି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସଂସାରକୁ ଭୁଆଁ ବୁଲାଇ ଜଣେ ଉତ୍ତମ ମଣିଷର ପରିଚୟ ପ୍ରଦାନକରି କିମ୍ବଦନ୍ତୀ ପୁରୁଷ ବନିଯିବ? ଏହା ତୁମର ଏକ ଅମାନୁଷିକ ଭ୍ରାନ୍ତ ଧାରଣାରୁ ନିର୍ଗତ ଯାହା ସଂସାର ଗ୍ରହଣ କରିବ ନାହିଁ ! ଉପସ୍ଥିତ ସମୟରେ ଅଜ୍ଞାନ ଲୋକଙ୍କ ସାହାରା ନେଇ ନିଜକୁ ବଡ ବୋଲି ପରିଚୟ ଦେବା କିଛିସମୟ ପାଇଁ ହୋଇପରେ। କିନ୍ତୁ ତାହା ସମଗ୍ର ଜନମାନସକୁ ପ୍ରଭାବିତ କରିପାରିବ ନାହିଁ କିମ୍ବା ଜ୍ଞାନୀ କେବେ ତୁମକୁ ବଡ଼ବୋଲି ଅନ୍ତରରେ ଗ୍ରହଣ କରିବେ ନାହିଁ। ଅର୍ଥାତ ତୁମର ସମୟ ସରିଗଲେ ଏହି ବଡ଼ପଣ ରହିବା ଦୂରର କଥା, ସମସ୍ତେ କେବଳ ଘୃଣାରେ ବ୍ୟବହାର କରିବେ ତୁମର ନାମ ନେଇ। କିଛି ଅର୍ଜନ କରିପାରିବନି ସମାଜରୁ ଯେତେବେଳ ପର୍ଯ୍ୟନ୍ତ ନିଜକୁ ସତ୍ୟର ପଥରେ ପରିଚାଳିତ କରିବା ନଶିଖିଛ ! ପୂର୍ବରୁ ଏମିତି ଅନେକ ଅମାନୁଷିକ, ଅତ୍ୟାଚାରୀ, ସ୍ୱେଚ୍ଛାଚାରୀଙ୍କ ନାମ ଇତିହାସ ଦେଇଛି ଯାହାଙ୍କୁ ଆଜିପର୍ଯ୍ୟନ୍ତ ମଣିଷ ସମାଜ ଘୃଣା କରି ଆସିଛି ଏବଂ ମଣିଷ ସମାଜ ଥିବା ପର୍ଯ୍ୟନ୍ତ ସେମାନେ ଘୃଣାର ପାତ୍ର ହୋଇ ଇତିହାସର ଶୋଭା ବର୍ଦ୍ଧନ କରୁଛନ୍ତି, କରୁଥିବେ। ତୁମେ ମଧ୍ୟ ନିଜର କାର୍ଯ୍ୟଧାରା, ବିଚାରଧାରା ନବଦଳାଇଲେ ସେମାନଙ୍କ ଭଳି କେବଳ ଘୃଣାର ପାତ୍ର ହୋଇ ସବୁଦିନ ପାଇଁ ରହିଯିବ ଇତିହାସର ପୃଷ୍ଠାରେ, ଏଥିରେ ତିଳେହେଲେ ଦ୍ୱିଧା ନାହିଁ।

ମୁ ଜଣେ ସାଧାରଣ ମାନବୀୟ ଚିନ୍ତନ, ସାମାଜିକ କର୍ତ୍ତବ୍ୟବୋଧ ମଣିଷ ଯିଏ କେବଳ ନିଜ ପରିଶ୍ରମରୁ ଅର୍ଜିତ ଧନରେ ମନ ପୁରାଇ ଜୀବନ ବଂଚିବା ଶିଖିଛି। ତୁମ ଭଳି ମିଛ ସତ କହି କାହାକୁ ଭୁଆଁ ବୁଲାଇ ଠକି ସଂସାରକୁ ଲୁଟି ବଡ଼ଲୋକ ହେବାର ସ୍ୱପ୍ନ ଦେଖିନାହିଁ କି ଦେଖିବି ନାହିଁ। ତୁମର ମନ ମୋଠାରୁ ଯଥେଷ୍ଟ କ୍ଷୀଣ ଯିଏ ନିଜପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଖଣ୍ଡିଏ ମଧ୍ୟ ନିଜ ହସ୍ତରେ କରିପାରିବ ନାହିଁ, ଯାହାପାଇଁ ନିର୍ଭର କରୁଥିବ ମୋରି ଉପରେ ! ମୋ ଭଳି ଅଜସ୍ର ମଣିଷଙ୍କ ଆଦାୟ ଅର୍ଥରୁ ବିଭିନ୍ନ ଉପାୟରେ ଲୁଣ୍ଠନ କରି, ଠକି, ଭଣ୍ଡି ତୁମର କୋଷ ଭରି ତୁମେ ଆଜି ସଂସାରର ବଡ଼ଲୋକ ବୋଲାଉଛ, ସମସ୍ତେ ଶୁଣୁଛନ୍ତି ବୋଲି ଯାହା ବାସ୍ତବ ନୁହେଁ ! ତୁମେ ଆଜି ଯେଉଁ ସ୍ଥାନରେ ବସିଛ ସେସବୁ କେବଳ ମୁ ଏବଂ ମଭଳି କେତକ ସାଧାରଣ ଲୋକଙ୍କ ନିର୍ବୋଧ ଅଜ୍ଞାନତାରୁ ! ମୁ କାଲି ଯାହା ଥିଲି ଆଜି ମଧ୍ୟ ଅଛି ଏବଂ ସମୟର ଦୀପ ଲିଭିବା ପର୍ଯ୍ୟନ୍ତ ସେହି ଏକା ଆଧାରରେ ଚାଲିଥିବ ମୋ ପରିଚୟ। ମୋତେ କିଏ ମନେନରଖିଲେ ମଧ୍ୟ ଅନ୍ତତଃପକ୍ଷେ ମୋପଛରେ ଘୃଣା କରିବେ ନାହିଁ ମୋ ନାମ ନେଇ। କାରଣ ମୁ କେବେ ନିଜେ ନିଜକୁ ବଡ଼ବୋଲି ସମାଜକୁ ପ୍ରଦର୍ଶନ କରିନାହିଁ କିମ୍ବା କୌଣସି ଅନୈତିକ କାର୍ଯ୍ୟ କରି କିମ୍ବା କାହାକୁ ମିଛକହି, ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବାକୁ ପ୍ରୟାସ କରିନାହିଁ। ମୋର କୌଣସି ସାମାଜିକ ପରିଚିତି ନାହିଁ କି ମୋତେ କିଏ ବିରୋଧ କରିବେ ନାହିଁ। ଅର୍ଥାତ ମୋ ଜୀବନର ଆରମ୍ଭରୁ ମୁ ଯାହାଥିଲି ଆଜି ମଧ୍ୟ ଅଛି ଏବଂ ଅସ୍ତ ହେବାଯାଏ ସେମିତି ରହିଥିବି ଯାହାର କୌଣସି ମିଥ୍ୟା ସାମାଜିକ ପରିଚୟ ଆବଶ୍ୟକ ନଥିଲା କି ରହିବ ନାହିଁ। ମୁ କେବଳ ପ୍ରକୃତି ପ୍ରଦତ୍ତ ଗୋଟିଏ ପ୍ରାଣୀ ଯାହାର ମାନବିକ ମୂଲ୍ୟବୋଧ ଏବଂ ପ୍ରାକୃତିକ ଜୀବନ ବଂଚିବା ଶୈଳୀ ଆଶାକରି ଜୀବନ ଶେଷ କରିବା ପୂର୍ବରୁ ସମାଜରେ ନିଜକୁ ଜଣେ ମଣିଷର ପରିଚୟ ଦେଇ ଯିବା ଆଶା ରଖିଥିଲି ଯାହା ପାଇଁ ଆପ୍ରାଣ ଚେଷ୍ଟା ଜାରିରଖି କୃତକାର୍ଯ୍ୟ ହୋଇଆସୁଅଛି ଏବଂ ସେମିତି ରହିବି। ସେତିକିରେ ମୋ ପେଟ ପୂରିଯାଏ ଏବଂ ମୋ ଜୀବନ ସାର୍ଥକ ହୋଇଯିବ ବୋଲି ମୋର ଧାରଣା କେତେଦୂର ଉପଯୁକ୍ତ ସମୟ କହିବ।

ମୋର ନିରାଡ଼ମ୍ବରତା ଏବଂ ତୁମର ସେହି ଅହଂଭାବ ମଧ୍ୟର ଦୂରତା ବୁଝିବା ସାମର୍ଥ୍ୟ ବିହୀନ ଅଜ୍ଞାନ ଶିକ୍ଷିତ ତୁମେ ଥରେ କେବେ ମାନବିକତାର ତରାଜୁରେ ନିଜର ବିଚାର ବିବେକ ମାପି ଦେଖ ବୁଝିପାରିବ ଜଣେ ଅଶିକ୍ଷିତ ପ୍ରାକୃତିକ ଶୈଳୀରେ କାର୍ଯ୍ୟକରି ଜୀବନ ବଞ୍ଚୁଥିବା ଶ୍ରମିକର ଜାତି, ରାଷ୍ଟ୍ର ପ୍ରତି ଅବଦାନ କେତେ ? ଆଉ ତୁମ ଭଳି ଶିକ୍ଷାଗତ ଯୋଗ୍ୟତାର କାଗଜ ଖଣ୍ଡଟିଏ ନେଇ ଅମାନୁଷିକତାରେ ଭରପୁର ଚରିତ୍ର ତୁମର ସଂସାରକୁ କିଛି ଦେବା ବଦଳରେ ମୋ ଭଳି ନିରୀହ, ସଚ୍ଚୋଟ, ଶାଶ୍ୱତ ସଭ୍ୟ ସମାଜର ମଣିଷ ମାନଙ୍କୁ ଅହରହ ଲୁଟି ଚାଲିଥିବାବେଳେ ଏହି ଅଜ୍ଞାନର ଆଦାୟରୁ ହିଁ ତୁମର ପେଟପୁରେ ! ମୋର ଆଦାୟରୁ ଲୁଣ୍ଠନ କରି ମୋତେ କାରୁଣ୍ୟରେ ଜାଳିପୋଡ଼ି ନିଜକୁ ଜଣେ ଶ୍ରେଷ୍ଠ ମଣିଷ ଭାବେ ପ୍ରଦର୍ଶନ କରୁଥିବା ତୁମର ସେହି ଭାବନାରେ କୌଣସି ବାସ୍ତବତା ନାହିଁ ଯାହା ତୁମେ ବୁଝିପାରୁନଥିଲେ ମଧ୍ୟ ସଂସାର ବୁଝିଛି। ଏବଂ ତାପାଇଁ ତୁମେ ନିଜେ ଗର୍ବିତ ହେଉଥିଲେ ମଧ୍ୟ ତୁମର ସେହିସବୁ ଭାବନା କେବଳ ପାଣିର ଗାରଭଳି ତୁମ ଭାବନା ମଧ୍ୟରେ ସୀମିତ ବୋଲି ତୁମର ଜ୍ଞାନ ବହିର୍ଭୁତ ଅଧମ ମଣିଷ ଟିଏ ତୁମେ। ସଂସାରରୁ ଲିଭିଯିବ ତୁମ ଜୀବନ ପ୍ରଦୀପ ଦିନେ, କିନ୍ତୁ ତୁମର ସବୁ କଳା କାର୍ନାମା ପାଇଁ ଆମର ଭବିଷ୍ୟ ପିଢ଼ି ଯୁଗ ଯୁଗ ଧରି ଦିବାନିଶି ଦ୍ୱେଷରେ ଜଳୁଥିବେ ଯାହା ତୁମେ ଆଉ ଦେଖିବାକୁ ନଥିବ ! ସବୁବେଳେ ସେମାନଙ୍କ ମୁହଁରେ ତୁମପ୍ରତି ନୈରାଶ୍ୟ ଭାବ ଏବଂ ଆନ୍ତରିକ ଘୃଣା ରହିଥିବ କେବଳ ତୁମରି ନାମରେ,କିନ୍ତୁ ତୁମେ ନଥିବ ସେସବୁ ଶୁଣିବା ପାଇଁ। ନିଜସ୍ୱ ସାମର୍ଥ୍ୟ ମଧ୍ୟରେ ଅର୍ଜିତ ଧନରେ ସୁଖର ମହିମା ବୁଝିବା କ୍ଷମତା ନାହିଁ ତୁମର। ତେଣୁ ନିଷ୍କରୁଣ ଅମାନବୀୟ ଚରିତ୍ର ତୁମର ଲୀଳାମୟଙ୍କ ମାୟା ବୁଝିନପାରି କରିଚାଲିଥିବା ଦୁଷ୍କର୍ମର ଫଳ ଆଜି ନହେଲେ କାଲି କିମ୍ବା କୌଣସି ସମୟରେ ଭୋଗିବାକୁ ପଡିବ ହୁଏତ ଯେତେବେଳେ କେହିନଥିବେ ସେସବୁ ଦେଖିବା ପାଇଁ ତୁମରି ପାଖରେ ! କିନ୍ତୁ ମୁ ନିଶ୍ଚିତଯେ ଜୀବ ଥିବା ମଧ୍ୟରେ କେହି ତୁମର କିଛି ନକରିପାରିଲେ ମଧ୍ୟ ଜୀବନ ଯିବା ପୂର୍ବରୁ ନିଜକୁ ନିଜେ ଘୃଣା କରି ଦେହତ୍ୟାଗ କରିବ ତୁମେ ଯାହା ତୁମପାଇଁ ହୁଏତ ସଂସାରର ସବୁଠାରୁ କଠୋର ଦଣ୍ଡ ହେବ, ଏଥିରେ ତିଳେହେଲେ ସନ୍ଦେହ ନାହିଁ ! ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ନିଜକୁ ବଦଳାଇ ପ୍ରେମମୟ କରି ସଂସାରକୁ ଗଢିତୋଳିବାର, କିନ୍ତୁ ନିର୍ଭର କରୁଛି କ'ଣ ତୁମ ବିଚାର !

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ*
*ଦୂରଭାଷ. ୯୪୩୭୩୨୪୯୧୭*

# ସନ୍ତ୍ରାସ



## ପଣ୍ଡିତ ହରେକୃଷ୍ଣ ପତି

ଶିଶୁଟିଏ ଭୂମିଷ୍ଠ ହୁଏ ମା'ର ଗର୍ଭରୁ, ଠିକ୍ କୁମ୍ଭାରର କଞ୍ଚା ମାଟି ପରି। ତା'କୁ ବାପା, ମାଆ, ଗୁରୁ, ଗୁରୁଜନ, ସମାଜ ଓ ପାରିପାର୍ଶ୍ୱିକ ପରିସ୍ଥିତି ଯେଉଁ ଆକାର ଦେଇ ଗଢି ତୋଳନ୍ତି, ସେ ଠିକ୍ ସେହିପରି ହୋଇଯାଏ। ସେହି ଚକିରେ ତିଆରି ହେବା ବେଳେ ସେ ଭଲ ହେଲା କି ଖରାପ, ସେଥିରେ ତା'ର ସମ୍ୟକ୍ ଦୋଷ ନଥାଏ। ମଣିଷ ପରି ସୁନ୍ଦର ଜୀବକୁ ଗଢି, ଭଗବାନ ତା' ଦେହରେ ଭରି ଦେଇଥିଲେ ଦିବ୍ୟ ଜ୍ଞାନ। କିନ୍ତୁ, ଯଦି ଆମେ ଆବଶ୍ୟକତା ଅନୁସାରେ ସେହି ଜ୍ଞାନର ବ୍ୟବହାର ଠିକ୍ ସମୟରେ ଓ ଠିକ୍ ଉପଯୁକ୍ତ ସ୍ଥାନରେ କରି ନପାରନ୍ତି, ତେବେ ଆମର ଏ ଦୁର୍ଲ୍ଲଭ ଜନ୍ମ ବୃଥା ହୋଇଯାଏ। ଆମେ ନିଜେ ନଷ୍ଟ ହେବା ସହ ଆମ ପରିବାର ଓ ସମାଜକୁ ମଧ୍ୟ କଳୁଷିତ କରି ପକାନ୍ତି। ଠିକ୍ ସେଇଆ ହୁଏ ଜଣେ ବାଟହୁଡ଼ା ପଥିକ କ୍ଷେତ୍ରରେ। ପେଟର ଭୋକ ଦାଉ ସହି ନପାରି ଯେତେବେଳେ ସେ ମାଆ ଠାରୁ ଖାଦ୍ୟ ଚାହେଁ, ସେତେବେଳେ ଶୁଣେ ଭର୍ତ୍ସନା, ଆଉ ସ୍କୁଲ୍ ଯିବାକୁ ବହି ଖଣ୍ଡେ ପାଇଁ ବାପା ପାଖରେ ଅଳି କଲେ ଶୁଣେ ଅସରନ୍ତି ଗାଳି। ସେହିପରି ସମାଜରେ ସମବୟସ୍କମାନଙ୍କ ସହ ମିଶି ତା'ର ସୁଖ ଦୁଃଖ ବାଣ୍ଟିବାର ପ୍ରୟାସ କଲେ, ସେଠାରୁ ମଳିମୁଣ୍ଡିଆ ହୋଇଥିବାର ପରିଣାମ ସ୍ୱରୂପ ଶୁଣିଥାଏ ଧିକ୍କାର। ତଥାପି ସେ କାହାର ଦୁଃଖ ଦେଖିଲେ ସହାୟତା ଦେବା ପାଇଁ ଆଗେ ଦୌଡ଼ି ଆସେ। ଗାଁର ଅସହାୟ ପିଲା, ବୁଢାମାନଙ୍କ ପାଇଁ କେତେବେଳେ ସେ ଦେବତା ସାଜେ ତ କେତେବେଳେ ମା', ଭଉଣୀଙ୍କୁ ଲୋଲୁପ ଦୃଷ୍ଟିରେ ଦେଖୁଥିବା ଅମଣିଷଙ୍କ ପାଇଁ ସାଜିଥାଏ ଦାନବ। ଘରପୋଡ଼ି, ବନ୍ୟା, ବାତ୍ୟା ସମୟରେ ବିପନ୍ନମାନଙ୍କ ନିକଟରେ ପ୍ରଥମେ ପହଂଚିଯାଏ ସେ।

ଏମିତି ବଞ୍ଚୁ ବଞ୍ଚୁ ଦିନେ ଯେତେବେଳେ ସେ ନିଜର ପେଟ ପୋଷିବାକୁ କୌଣସି ତଥାକଥିତ ଧନାଢ୍ୟ ବ୍ୟକ୍ତି ନିକଟକୁ ସହାୟତା ଆଶାରେ ଯାଏ, ତା' ଠାରୁ ପାଏ କେବଳ ନିରାଶା ଓ ହତାଶା ଏବଂ ସ୍ଥଳ ବିଶେଷରେ ମାଲିକର ହାତ ବାରିସି ସାଜି ନିଜର ଅନିଚ୍ଛା ସତ୍ତ୍ୱେ ବିଭିନ୍ନ ଅମାନବୀୟ କର୍ମ କରେ ତା'ର ସ୍ୱାର୍ଥ ପୂରଣ କରିବା ପାଇଁ। ଆଉ ତାହା ବଦଳରେ ତା'କୁ ମିଳେ କେବଳ କୁକୁରକୁ ମିଳୁଥିବା ଖଣ୍ଡେ ଶୁଖିଲା ରୁଟି ଆଉ ଦି' ଖଣ୍ଡ ଅଇଁଠା ମାଂସ। ଦିନ ସାରା ତା' ଦ୍ୱାରା ଅମାନୁଷିକ ଏବଂ ଅନୈତିକ କର୍ମ କରାଇ ସନ୍ଧ୍ୟାରେ ପାରିଶ୍ରମିକ ଆକାରରେ ଦିଆଯାଏ ଅଶ୍ରାବ୍ୟ ଗାଳି ଓ ଲାଞ୍ଛନା। ତଥାପି ସେ ଏକ ଅସଫଳ ପ୍ରୟାସରେ ଲାଗି ପଡ଼ିଥାଏ, ସମାଜରେ ନିଜର ସ୍ଥିତି ଜାହିର କରିବା ପାଇଁ। ସରକାର କିମ୍ବା ପ୍ରଶାସନ ଠାରୁ କିଛି ସାହାଯ୍ୟ ଆଶାରେ ପହଂଚେ ବିଭିନ୍ନ ଦପ୍ତରରେ। ଦେଶମାତୃକାର ସେବା କରିବା ପାଇଁ ଜବାନ ଭାବେ ଭର୍ତ୍ତି ହେବାକୁ ଇଚ୍ଛା କରି ନିଜର ପକ୍ଷ ରଖେ ସେ। କିନ୍ତୁ, ସେଠାରେ ଉତ୍କୋଚ ଓ ଚଞ୍ଚକତାର ଚକିରେ ବାରମ୍ବାର ପେଷି ହେବା ପରେ ସମସ୍ତ ଆଶା ଛାଡ଼ି ଦେଇ ତା'ର ଭଙ୍ଗା ମନକୁ ପ୍ରଶ୍ନ କରେ, ଏତେ ବଡ଼ ଦୁନିଆରେ କ'ଣ ଜଣେ ବି ନାହିଁ ପଡ଼ି ଯାଉଥିବା ଲେକଟିର ହାତ ଧରି, ତା'କୁ ତଳୁ ଉଠାଇ ଆଣି କୋଳାଇ ନେବା ପାଇଁ? ଶେଷରେ ଅନ୍ୟମାନଙ୍କ ପରି ସୁଖର ସଂସାର କରିବାର ସ୍ୱପ୍ନ ତା'ର ମାଟିରେ ମିଶିଯାଏ।

ଏହିପରି ଚିନ୍ତା କରି କରି ବଞ୍ଚିବାର ରାହା ଖୋଜୁଥିବା ବେଳେ ହଠାତ୍ ଏକ ମଧ୍ୟରାତ୍ରୀରେ ଘର କବାଟରେ ଠକ୍ ଠକ୍ ଶବ୍ଦ ହୁଏ, ଆଇ ତା' ପାଖକୁ ଦେବଦୂତ ସାଜି ଆସନ୍ତି କେତେ ଜଣ କଳା ମୁଖା ପିନ୍ଧା ବନ୍ଧୁକଧାରୀ ବ୍ୟକ୍ତି। ନିଭୃତ କୋଠରୀରେ ଚାଲେ ମନ୍ତ୍ରଣା। ରାତି ପାହିଲା ବେଳକୁ ଘରର କବାଟ ଖୋଲା ଥାଏ ଓ ଘର ମଧ୍ୟ ଖାଲି ପଡ଼ିଥାଏ। ତାହା ପରେ ସେହି ଅସହାୟ ତଥା ନିରାଶ ବ୍ୟକ୍ତିଟିକୁ କେହି ଖୋଜି ପାଆନ୍ତିନି, ଘରେ, ବାହାରେ ଆଉ ଗାଁ ଗଣ୍ଡାରେ। କୁଆଡ଼େ ଗଲା ସେ ବୋଲି ପ୍ରଶ୍ନ ଉଙ୍କିମାରେ ସଭିଙ୍କ ମନରେ, କିନ୍ତୁ ଉତ୍ତର ମିଳେନା।

ଏହିପରି କିଛି ବର୍ଷ ବିତିଯାଏ। ଦିନେ ସନ୍ଧ୍ୟାରେ ଗାଁ ମୁଣ୍ଡରେ ବାଣ ଫୁଟିବାର ଶବ୍ଦ ଶୁଭେ। କିଛି ସମୟ ପରେ ଘରକୁ ଫେରୁଥିବା ଗ୍ରାମବାସୀଙ୍କ ଟର୍ଚ୍ଚ ଆଲୁଅ ପଡେ ଏକ ରକ୍ତାକ୍ତ ମୃତ ଦେହ ଉପରେ। ଚମକିପଡ଼ି ସେମାନେ ଭୟଭୀତ ଅବସ୍ଥାରେ ଗାଁକୁ ଆସନ୍ତି ଏବଂ ସବୁକଥା କହନ୍ତି। ପୁଲିସ ଆସି ଶବ ନେଇଯାଏ। କିଛି ଲୋକ କହନ୍ତି ଠିକ୍ ହୋଇଛି, ଏ ଅସାଧୁ ସାହୁକାରଟା ମରିଛି। ସେଦିନର ସେହି ବେକାର ଯୁବକଟି ଆଜି ସନ୍ତ୍ରାସବାଦୀର ମୁଖା ପିନ୍ଧି ପାଲଟିଛି ଅସତ୍ୟ ପଥରେ ଚାଲୁଥିବା ଏହିପରି ଶହ ଶହ ସାହୁକାରମାନଙ୍କ ପାଇଁ କାଳ। ସାହୁକାର ପରି ସମାଜରେ ରହିଥିବା କଳଂକମାନଙ୍କୁ ପୋଛି ଦେବାପାଇଁ ହିଁ ଆଜି ସେ ସନ୍ତ୍ରାସର ଅସ୍ତ୍ର ଧରି ସାଜିଛି ସନ୍ତ୍ରାସବାଦୀ। ଯେଉଁ ଆଇନ ଶୃଙ୍ଖଳାର ରକ୍ଷକମାନେ ଏହି କାର୍ଯ୍ୟ କରିବା କଥା, ସେମାନେ ନିଜ କର୍ତ୍ତବ୍ୟକୁ ଭୁଲି ଆଜି ରକ୍ଷକ ବଦଳରେ ଭକ୍ଷକ ସାଜିଥିବାରୁ ଏହି କାର୍ଯ୍ୟ ଅନ୍ୟକୁ କରିବାକୁ ପଡୁଛି ଏବଂ ଆଇନ ଆଖିରେ ତାହା ଅପରାଧ ପାଲଟି ଯାଉଛି। ଏଥିପାଇଁ ଦାୟୀ କେବଳ ଆମର ଏ ସମାଜ ଆଉ ସମାଜର କଳୁଷିତ ନୀତି ନିୟମ, ବାଛ ବିଚାର ଓ ଭେଦଭାବ। ସେହି ସାହୁକାର ଠାରୁ ଏହି ରକ୍ତର ଖେଳ ଆରମ୍ଭ ହୋଇ କେତେ ଦୁର୍ନୀତିଖୋର ନେତା, ପୁଲିସ, ବ୍ୟବସାୟୀ ଓ ଅଫିସରଙ୍କ ଯେ ଜୀବନ ନେଇଛି ତା'ର ଇୟତ୍ତା ନାହିଁ। ତଥାପି ସରୁନି ସେ ଖେଳ। ତା'ର ଅଶାନ୍ତ ମନର ଜ୍ୱାଳା ଏ ଯାଏଁ ବି ଥମିନି।

ହଠାତ୍ ପୁଣି ଦିନେ ସେ ଦେଖିବାକୁ ପାଏ ନିଜ ସଂଗଠନରେ ମଧ୍ୟ ଚାଲିଛି ଅରାଜକତା। ତା'କୁ କୁହା ଯାଇଥିବା ସବୁ କଥା ପାଲଟିଛି ମିଛ। ସଂଗଠନର କିଛି ମହିଳା ସାଥୀମାନଙ୍କ ଉପରେ ତା' ଆଖି ସାମ୍ନାରେ ଚାଲିଛି ଅକଥନୀୟ ଅତ୍ୟାଚାର। ମୁହଁ ଖୋଲିଲେ ଛାତିରେ ଗୁଳି ବର୍ଷଣ କରା ଯାଉଛି। ବାହାରୁ ଆସୁଥିବା ଅର୍ଥର ଭାଗ ବଣ୍ଟା ସମୟରେ ବି ଘଟୁଛି ମୁଖିଆ ମୁଖିଆଙ୍କ ଭିତରେ ହତ୍ୟାକାଣ୍ଡ। ଏଠି ବି ସେହି ଗୋଷ୍ଠୀ କନ୍ଦଳ। ପୁଣି ଦିନେ ଅନ୍ୟ ରାଜ୍ୟରୁ ଆସନ୍ତି ବଡ଼ ବଡ଼ ଆତଙ୍କବାଦୀ ସଂଗଠନର ନେତା। ଏଠାରୁ କିଛି ଟାଣୁଆ କର୍ମୀଙ୍କୁ ତାଙ୍କ ସଂଗଠନକୁ ନେବେ, ଭଲ ଖାଦ୍ୟ ଓ ବେଶୀ ଅର୍ଥ ମିଳିବ। ପୂର୍ବ ରେକର୍ଡ ଦେଖି ଏହି ଯୁବକଙ୍କ ସମେତ ତିନି ଚାରିଜଣଙ୍କୁ ଚିହ୍ନଟ କରାଗଲା। ଭାରତ ବିରୋଧୀ ସଂସ୍ଥା ଓ ବ୍ୟକ୍ତିଙ୍କୁ ସଫା କରିବାକୁ କୁହାଯାଇ ସେମାନଙ୍କୁ ସଂଗଠନରେ ମିଶାଗଲା। ପରେ ଦେଖିବାକୁ ମିଳିଲା ପାକିସ୍ତାନ ସରକାର ଦ୍ୱାରା ପରିଚାଳିତ ବିଭିନ୍ନ ଆତଙ୍କବାଦୀ ସଂଗଠନର ଇଶାରାରେ ଶହ ଶହ ଭାରତୀୟ ନିରୀହ ନାଗରିକଙ୍କୁ ହତ୍ୟା କରାଯାଉଛି। ଏତେବେଳେ ମନ ଓ ବିବେକର ଯୁଦ୍ଧରେ ଅତିଷ୍ଠ ହୋଇପଡ଼ିଲା ସେହି ଯୁବକଟି। ଏବେ ସେ କ'ଣ କରିବ ବୋଲି ଭାବି ଭାବି ତା'ର ମୁଣ୍ଡ ଘୂରାଇଗଲା। ଶେଷରେ ଉପଲବ୍ଧି କଲା, ଏ ଦେଶରେ ସଚ୍ଚା ଦେଶଭକ୍ତଙ୍କ ସଂଖ୍ୟା ଖୁବ୍ କମ୍ ଓ ଦେଶଦ୍ରୋହୀଙ୍କ ସଂଖ୍ୟା ଖୁବ୍ ଅଧିକ।

ଅନ୍ୟାୟ, ଅନୀତି ବିରୁଦ୍ଧରେ ଏବଂ ଅସହାୟମାନଙ୍କ ଉତ୍‌ଥାନ ପାଇଁ ଲଢେଇ କରିବାକୁ କହି ମାଓବାଦୀ ତଥା ଆତଙ୍କ(ସନ୍ତ୍ରାସ)ବାଦୀ ସଂଗଠନରେ ସାମିଲ କରାଇଥିବା ବ୍ୟକ୍ତିମାନଙ୍କର କହିଥିବା କଥାଗୁଡ଼ିକ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ ହେବା ପରେ ସେ ଏକାବେଳକେ ଭାଙ୍ଗିପଡ଼େ। ତା'ର ଅନ୍ତରାତ୍ମା ତା'କୁ ଥରକୁ ଥର ଚେତାଇ ଦିଏ, ତୁ ଏ କ'ଣ କରୁଛୁ, ଏହା କ'ଣ ମଣିଷର କର୍ତ୍ତବ୍ୟ, ଏଥି ପାଇଁ କ'ଣ ତୋତେ ମଣିଷ ଜନ୍ମ ମିଳିଥିଲା ? ଚାରିଆଡ଼ର ଅନ୍ୟାୟ, ଅନୀତି ଓ ହାହାକାର ଦେଖି ସେ ପୁଣି ନିଷ୍ପତ୍ତି ନିଏ, ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ। ତା'କୁ କଥା ଦେଇଥିବା ସରକାର ଓ ପୁଲିସ ମଧ୍ୟ ତା' ସହ ଖେଳ ଖେଳନ୍ତି। ଜୀବନ ଜୀଇଁବାର ସ୍ଥାୟୀ ସମାଧାନ କରିବାର ପ୍ରତିଶ୍ରୁତି ଦେଇ ତାହା ବଦଳରେ ତା'କୁ ରଖାଯାଏ ଜେଲ୍‌ରେ, ବର୍ଷ ବର୍ଷ ଧରି। ଶେଷରେ ଜେଲ କୋଠରୀରେ ସେ ଡେଉଁରିଆ ଭିତରେ ଲୁଚାଇ ରଖିଥିବା ସାଇନାଇଡ ଟାବଲେଟଟିକୁ ଦାନ୍ତରେ କାମୁଡ଼ି ଦେଇ ଚାଲିଯାଏ ଆରପାରିକୁ, ସବୁ ଦିନ ପାଇଁ, ଏ ବିଷ ଜର୍ଜରିତ ସଂସାରକୁ ଛାଡ଼ି।

ତେଣୁ, ଯେ କୌଣସି କାର୍ଯ୍ୟରେ ଯୋଗ ଦେବାକୁ ମନସ୍ଥ କରିବା ପୂର୍ବରୁ ତାହାର ପରିବେଶ, ପରିସ୍ଥିତି ଓ ପରିଣାମ ସମ୍ବନ୍ଧରେ ସଚେତନ ହେବା ସହ କାହାରି ପ୍ରରୋଚନାରେ ପରିଚାଳିତ ନହୋଇ ନିଜସ୍ୱ ବୁଦ୍ଧି ବଳରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଉଚିତ।

*ପଧାନପଡ଼ା, ବନ୍ତ, ଭଦ୍ରକ*
*ଦୂରଭାଷ : ୭୫୦୪୪୨୪୬୦୧*





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଲୀ ଦାଶ

**କ୍ଷମା : -**

ଅତୀବ କୌମଳୌ ତାତ
ଚରଣୌ ତେ ମହାମୁନେ।
ଇତ୍ୟୁକ୍ତ୍ୱା ବିପ୍ରଚରଣୌ ମର୍ଦ୍ଦୟନ
ସ୍ୱେନ ପାଣିନା।।

ହେ ମୁନୀ! ଆପଣଙ୍କ ଚରଣ ଅତି କୋମଳ। ମୋ ବଜ୍ର ସମାନ ବକ୍ଷରେ ବାଜି କିଛି କ୍ଷତ ହୋଇନି ତ? ଏତିକି କହି ଭଗବାନ ବିଷ୍ଣୁ ମୁନୀଙ୍କର ଚରଣକୁ ଆଉଁସିବାକୁ ଲାଗିଲେ। ଆଉଁସିବା ବେଳେ କହୁଥାନ୍ତି ଆପଣଙ୍କ ଚରଣ ତୀର୍ଥଠାରୁ ଅଧିକ। ଏହାର ସ୍ପର୍ଶରେ ମୋର ସମସ୍ତ ପାପ ନାଶ ହୋଇଗଲା। ଆଜି ଆପଣଙ୍କ ଆଗମନରେ ବୈକୁଣ୍ଠ ପବିତ୍ର ହୋଇଗଲା। ଭଗବାନ ବିଷ୍ଣୁଙ୍କର ଏଭଳି ଅଦଭୁତ ବ୍ୟବହାର ଦେଖି ଭୃଗୁଋଷିଙ୍କର ଆଖି ଲୁହରେ ଭରି ଯାଇଥିଲା। କ୍ଷମା କରିବା ସହଜ ନୁହେଁ। ଯିଏ ବାସ୍ତବିକ ବଳବାନ ସେହିଁ କ୍ଷମା କରିପାରେ। ଯିଏ ଦୁର୍ବଳ ଯାହାର ମନ ଦୁର୍ବଳ ସେ କ୍ଷମା କରି ପାରେ ନାହିଁ। କ୍ଷମା ବୀରସ୍ୟ ଭୂଷଣମ୍ - କ୍ଷମା ବୀରର ଭୂଷଣ। ସାମର୍ଥ୍ୟ ରହିଥିଲେ ବି ଉଦାରତା ପୂର୍ବକ କ୍ଷମା କରିଦେବା ମହାନତା ଅଟେ। କାହାର ଅପରାଧ କରିବାରେ ଆମକୁ କ୍ରୋଧ ନ ଆସି ତାକୁ କ୍ଷମା କରିଦେବା ବହୁତ ବଡ କଥା। ପ୍ରତିଶୋଧର ଭାବନା ନ ଆସେ ଓ ପିଚ ପଛରେ ଛୁରା ଭୁସିବା ପରି ମନୋବୃତ୍ତି ନ ଆସେ ତେବେ ଉତ୍ତମ। ଶ୍ରୁତିରେ କଥନ ରହିଛି, "କ୍ଷମା ବଳମଶକ୍ତାନାଂ ଶକ୍ତାନାଂ ଭୂଷଣ କ୍ଷମା"। କ୍ଷମା ଅସମର୍ଥର ବଳ ତଥା ସମର୍ଥବାନର ଭୂଷଣ ଅଟେ।

ପୂର୍ବରୁ ଦ୍ରୌପଦୀଙ୍କ ଆଶ୍ୱସ୍ଥାମାଙ୍କୁ କ୍ଷମା କରିବା ବିଷୟରେ ଆମେ ଚର୍ଚ୍ଚା କରିଛେ। ଟିକେ ବିଚାର କରିବାର କଥା ସେହି ସତ୍‌ନାରୀଙ୍କ ହୃଦୟ କେତେ ବିଶାଳ ଥିଲା। ସେ ନିଜ ପାଞ୍ଚ ପାଞ୍ଚ ପୁତ୍ରଙ୍କ ହତ୍ୟା କରିବା ବାଲାକୁ ନିଜ ଆଖି ସାମ୍ନାରେ ଦେଖି ତାକୁ କ୍ଷମା କରିବାକୁ କହିଥିଲେ। ବିଶ୍ୱାମିତ୍ର ଓ ବଶିଷ୍ଠଙ୍କ ବିଷୟରେ ସେଭଳି ଏକ ଦୃଷ୍ଟାନ୍ତ ରହିଛି। ବିଶ୍ୱାମିତ୍ର ଯେବେ ରାଜାଥିଲେ ତାଙ୍କୁ ବହ ଅହଂକାର ଥିଲା। ବଶିଷ୍ଠ ମୁନୀଙ୍କ ପାଖରେ କାମଧେନୁ ନାମକ ଏକ ଗାଈ ଥିଲା। ବିଶ୍ୱାମିତ୍ର କାମଧେନୁର ବାଛୁରୀ ନନ୍ଦିନୀକୁ ଉଠାଇ ନିଜ ରାଜ ପ୍ରାସାଦକୁ ନେବାକୁ ଚାହୁଁଥିଲେ। ସେଥିପାଇଁ ସେ ଯୁଦ୍ଧ ମଧ୍ୟ କରିଥିଲେ। ରାଜପାଠ ଛାଡିବା ପରେ ପୂର୍ବ ରାଗ ରଖି ବିଶ୍ୱାମିତ୍ର ମୁନୀ ବିଶିଷ୍ଠଙ୍କୁ ହତ୍ୟା କରିବାକୁ ଆସି ଗୋଟିଏ ରାତିରେ ଗଛ ଉହାଡରେ ଖଣ୍ଡାଧରି ଛୁପି ରହିଥାନ୍ତି। ବିଶିଷ୍ଠ ମୁନୀ ଓ ପତ୍ନୀ ଅରୁନ୍ଧତୀ ଦୁଇଜଣ ନିଜ କୁଟୀରରେ ବସି କଥାବାର୍ତ୍ତା ହେଉଥାନ୍ତି। ଅରୁନ୍ଧତୀ କହୁଥାନ୍ତି, 'ଚନ୍ଦ୍ରଙ୍କର ଏଇ ଶୀତଳ ଚାନ୍ଦିନୀରେ ଏ ସୃଷ୍ଟି କେତେ ସୁନ୍ଦର ଲାଗୁଛି!' ବିଶିଷ୍ଠ ମୁନୀ କହିଲେ, ବିଶ୍ୱାମିତ୍ରଙ୍କର ତପସ୍ୟାର କିର୍ତ୍ତୀ ଠିକ୍ ଏହି ଚାନ୍ଦିନୀ ପରି ବ୍ୟାପ୍ତ।

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୨୩

# ସମ୍ପର୍କର ସୂତା ଖିଅ

**ଆ**କାଶରୁ ଖସି ପଡିଲା ସୁରେନ୍ଦ୍ର। ସେ ଆସିଥିଲା ନଟଦାସଠାରୁ ଟଙ୍କା ତିନିହଜାର ନେବାପାଇଁ। ଓଲଟି ବାପା କେଉଁଦିନ କି ଟଙ୍କା ନେଇଥିଲେ ତାଠାରୁ, ତାର ହିସାବ ବାହାର କରୁଛନ୍ତି?

ନକୁଳ ଅଜା ସୁରେନ୍ଦ୍ର ପଟିଆ ହୋଇ କହିଲା - "ଆରେ ନଟ, ପୁତୁରାଟା ତୋର ବିପଦରେ ପଡିଛି, ଏଇ ବେଳରେ ଏମିତି କଥା କହିବାଟା କ'ଣ ଫାବୁଛି? ତା ମୁହଁକୁ ଟିକେ ଅନା!

ସୁରେନ୍ଦ୍ର କହିଲା- "ବଡ଼ବାପା, ମୁଁ କଥା ଦେଉଛି, ତୁମଠାରୁ ବାପା ନେଇଥିବା ଟଙ୍କାର କଡ଼ା ଗଣ୍ଡା ହିସାବ କରି ମୁଁ ସମୂଳସୁଧ ସୁଝିଦେବି। ହେଲେ ବର୍ତ୍ତମାନ ବାପାଙ୍କର ଶୁଦ୍ଧିକ୍ରିୟା ପାଇଁ, ମତେ କିଛି ସାହାଯ୍ୟ କର। ଯାହା ସୁଧ ନେବ, ମୁଁ ଦେବାକୁ ରାଜି...।

ନଟଦାସ ଠିଆ ହୋଇପଡି କହିଲେ ୦ ବାପ, ତୁ ଆଉ ଯାହା କହିବ ମୁଁ ରାଜି। କହିବୁ ଯଦି, ଶୁଦ୍ଧିଘର ଦିନ ତୋ ଘରେ ଯାଇ ଅଇଣ୍ଠା ପତ୍ର ଉଠାଇବି। ହେଲେ ଟଙ୍କା କଥା ଏବେ ମତେ କହନା। ଜଗନ୍ନାଥଙ୍କ ଦ୍ୱାହି, ମୋ ହାତ ଏବେ ପୁରା ଶୂନ୍ୟ।

ସୁରେନ୍ଦ୍ର ହତାଶ ହୋଇପଡି ଚାହିଁଲା ନକୁଳ ଅଜାକୁ। ସତେ କି ନକୁଳ ଅଜା ଜରିଆରେ ତା ଅସୁବିଧାର ପର୍ବତ ପ୍ରମାଣ ବୋଝଟା ପରିଣତ ହୋଇଯିବ ମେଞ୍ଚାଏ ହାଲ୍‌କା ତୁଳାରେ!

ନକୁଳ ଅଜା ମୁହଁ ଖୋଲଲା - ନଟରେ, ଆମେ ଥାଉଥାଉ ବାପ ଛେଉଣ୍ଡ ପିଲାଟା ଏମିତି ବାରଦୁଆର ଶୁଣ୍ଢିପିଣ୍ଡା ହେବ, ଏଇଟା କ'ଣ ବାହାରକୁ ଭଲ ଦିଶିବ? ଯା'ହେଲେ ସନିଆ ଥିଲା ତୋ ଭାଇପରି! ତା' ପୁଅ ଏମିତି ନିଆଶ୍ରୀ ହୋଇଯିବ, ଏକଥା ଶୁଣିଲେ ଦାଣ୍ଡଲୋକ ତତେ ଛି' ଛାକର କରିବେ ନି?

ନଟଦାସ କହିଲେ- ଦାଦି, ତମ କଥା ମୁଁ ବୁଝୁଛି ଯେ, ହେଲେ ତମେ ଯଦି ମୋ ପରିସ୍ଥିତି ଜାଣିଥା'ନ୍ତ, କହନ୍ତନି ଜମା ଏକଥା।

ନକୁଳ ଅଜା ତା' ପାଖକୁ ଉଠି ଯାଉଯାଉ କହିଲା- ମୁଁ କ'ଣ ଜାଣିନି ତୋ ପରିସ୍ଥିତି। ଝିଆ ବାହାଘର କଲୁ। ପାଣିପରି ପଇସା ଖର୍ଚ୍ଚ ହେଲା। ଆମଦାନୀ ସେଇ ଧାନରୁ ନା ଆଉ କୋଉ ବାହାର ଆୟ ଅଛି? ହେଲେ କେମିତି କ'ଣ ସନିଆର ଶୁଦ୍ଧିକ୍ରିୟା ଉଠିବ, ସେ କଥା ଟିକେ ଭାବ...।

-ତମେ କହୁନ! ନଟଦାସ ପଚାରିଲେ।

କୁଟାପାନ ଟିପେ କଲରେ ଜାକି ନକୁଳ ଅଜା କହିଲା- ତାକୁ ଟଙ୍କା ଦି' ହଜାରେ କୋଉଠୁ ଯୋଗାଡ଼ କରି ଦେ'। ତୁ ଯାହା କହିବୁ ସେ ରାଜି।

- କ'ଣ ରାଜି? ବାପା ନେଇଥିଲା ହାତ ଉଧାରି ଦେଢ଼ ହଜାର ଟଙ୍କା। ଗଲା ମାସରେ ଯେ ଆସି ଧତଡା ଘଣ୍ଟାଟା ଫୋପାଡି ନେଇଗଲା ପାଞ୍ଚଶହ। ସେତକ ଏପର୍ଯ୍ୟନ୍ତ ପାଇଲି ନାଇଁ। ଏବେ ପୁଣି ମାଗିଲାଣି ତିନିହଜାର! କୋଉ ବିଶ୍ୱାସରେ ମୁଁ ଦେବି? ତା'ର କ'ଣ ଚାକିରି ବାକିରି କିଛି ଅଛି ଯେ ସେଇ ଭରସାରେ ତା' ହାତକୁ ବଢ଼ାଇ ଦେବି ହଜାର ହଜାର ଟଙ୍କା! - ନଟଦାସ ଗମ୍ଭୀର ସ୍ୱରରେ କହିଲେ।

ନକୁଳ ଅଜା କହିଲା - ସଚାରଚାର ଏ ପୃଥିବୀରେ ବିଶ୍ୱାସ ଟିକକ ହିଁ ବଡ। ତା'ରି ଯୋଗୁଁ ଚନ୍ଦ୍ରସୂର୍ଯ୍ୟ ଆତଯାତ ହଉଛନ୍ତି ମୁଣ୍ଡ ଉପରେ। ଦିନ ଯାଇ ରାତି ହଉଚି। ଖରା ଯାଇ ବର୍ଷା ଆସୁଛି। ସେଇ ବିଶ୍ୱାସରେ ଦେ'। ତା' ପାଖରେ କ'ଣଟା ଆଉ ଅଛି ଯେ ତତେ ସେ ଦେବ? ହେଇ ...ହେଇ ଘର ଡିହ ଖଣ୍ଡେ, ବାଡ଼ି ଦି'ଗୁଣ୍ଠ...।"

ଚମ୍‌କି ପଡିଲା ସୁରେନ୍ଦ୍ର। ତାକୁ କେନ୍ଦ୍ର କରି ଗୋଟେ ଚକ୍ରାନ୍ତ କରାଯାଉଛି କି? ନକୁଳ ପ୍ରଧାନର ଏ କଅଁଳିଆ କଥାର ଅନ୍ତରାଳରେ ଛପି ରହିଛି କି ମାରାତ୍ମକ ଏକ କୁଟିଳତା? ତାର ଚାରିପାଞ୍ଚ୍‌ଟ ଗୁଣ୍ଠ ଜମି ହାତେଇ ସାରିବା ପରେ ସେମାନେ ଦୃଷ୍ଟି ପକାଇଲେଣି କି ତା'ଘର ଡିହ ଉପରେ?

ସୁରେନ୍ଦ୍ର ଭିଡିମୋଡି ହେଲା। ଉଠି ପଳେଇବ କି ଏଠୁ? ଦୌଡ଼ି ଦୌଡ଼ି ପଳାଇବ? ତା'ର ଦରକାର ନାଇଁ ଟଙ୍କା। ଦି'ଚାରିଜଣ ବ୍ରାହ୍ମଣଙ୍କୁ ଡାକି ଯାଇତାଇ ସାରିଦେବ ବାପାଙ୍କ ଶୁଦ୍ଧକ୍ରିୟା। ଘର ଡିହ ଖଣ୍ଡକ ଚାଲିଗଲେ ଏତେ ବଡ଼ ପୃଥିବୀରେ କେଉଁଠି ଗୁଞ୍ଜିବ ସେ ମୁଣ୍ଡ? କେଉଁଠି ରହିବେ ବୋଉ, ମାମିନା ଅପା?

'କ'ଣ କହୁଚୁ ବାପ? - ତାକୁ ଚାହିଁ ପଚାରିଲା ନକୁଳ ଅଜା।

ତାକୁ ପଚରା ଯାଉଛି କି ଏ ପ୍ରଶ୍ନ? -ସୁରେନ୍ଦ୍ର ଭାବିଲା ଏବଂ ପ୍ରକାଶ୍ୟରେ କହିଲା - କେଉଁ କଥା?

ନକୁଳ ଅଜା ତା' ପାଖରେ ବସିପଡି କହିଲା- 'ଆମର ତ ଖରାପ ସମୟ ପଡିଛି। ଯାହାହେଉ ବାପର ଆତ୍ମାକୁ ମୋକ୍ଷ କରିବାକୁ ପଡିବ। ନଟ ତ ଏକବାର ଅମଙ୍ଗ। ଖାଲି ତା' ମନ ବୁଝିବାକୁ ତା ଘରବାଡିର କବଲାଟା ଆଣି ତା' ପାଖରେ ରଖ। ମୋ ଉପରେ ତୋର ବିଶ୍ୱାସ ଅଛି ଟି! ମୁଁ ଥାଉଥାଉ ସେ କ'ଣ ତୋ ଘରବାଡ଼ି ହଡ଼ପ କରିନେବ? ଖାଲି ବିଶ୍ୱାସ ଜନ୍ମେଇବା ପାଇଁ ତାକୁ ଆଣି ଦେଇଥା। ତେଣିକି ସବୁ କଥା ମୁଁ ବୁଝିବି।"

ନିରୀହ ଛେଳିଛୁଆ ପରି ଦେଖାଗଲା ସୁରେନ୍ଦ୍ରର ମୁହଁ। ଏଠି କିଏ ତାର ନିଜର? ନକୁଳ ପଧାନ ନା ନଟଦାସ? ସେ ଜାଣେ, ଏ ଦୁଇଜଣଙ୍କର ଗୋଟିଏ କଥା। ନକୁଳ ପଧାନର ସୈତାନୀ ଖପୁରୀ ଓ ନଟଦାସର ଟଙ୍କା। ଏ ଦୁଇଟି ମିଶିଗଲେ, କିଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୁଏ, ତା'ର ନଜିର ଅଭାବ ନଥିଲା ଆଖପାଖ ଚାରି ପାଞ୍ଚ ଖଣ୍ଡ ମୌଜାରେ।

ଅନେକ ସମୟ ମାନସିକ ଦୋଳନ ଭିତରେ ଝୁଲି ରହି ସୁରେନ୍ଦ୍ର ଶେଷରେ କହିଲା - ଏ ବିଷୟରେ ମୁଁ ଟିକେ ବୋଉକୁ ପଚାରିସାରେ, ତା' ପରେ ଯାହା ଜବାବ ଦେବି।" କହିଲା ଏବଂ ଚାଲି ଆସିଲା।

ସେ'ଦିନ ରାତିରେ ନି ହେଲାନ ।ଇଁ ଜମା। ଭାରି ଛଟପଟ ଲାଗୁଥିଲା। ସାରା ପୃଥିବୀରେ ତା' ପାଇଁ ଆହା ପଦେ କହିବାକୁ କେହି ନାଇଁ, ତା' ବିପଦ ଆପଦରେ ସେ ବିଲ୍‌କୁଲ୍ ଏକା। ଦିଶିଗଲା ବାପାଙ୍କ ମୁହଁ। ତାଙ୍କ ଅମୋକ୍ଷ ଆତ୍ମା ବିକଳ ବିଳାପ କରୁଛି। ଚକ୍‌କର କାଟୁଛି ତା ଚାରିପାଖରେ। 'ମତେ ମୁକ୍ତି ଦେ' ବୋଲି ନିଉନ ହେଉଛି...

ହୁ'ରସ ଖଟ ଉପରେ ବସି ପଡିଲା ସୁରେନ୍ଦ୍ର। ତା'ଦେହ ଝାଳରେ ତିନ୍ତି ଯାଉଥିଲା। ତା' ତଣ୍ଟି ଶୁଖି ଯାଉଥିଲା। ତା' ଦେହ ଅବଶ ହୋଇ ଯାଉଥିଲା।

ତା' ପରଦିନ ସକାଳୁ ବୋଉକୁ ନ ଜଣାଇ ମାମିନା ଅପାଠାରୁ ଚୁପ୍ ଚାପ୍ କବଲାଟିକୁ ନେଇ ସୁରେନ୍ଦ୍ର ଚାଲିଲା ନଟଦାସ ଘର ଆଡ଼େ। ସେତକ ତା' ହାତକୁ ବଢ଼ାଇ ଦେଇ ଅଢ଼େଇ ହଜାର ଟଙ୍କା ଧରି ଫେରୁଥିବା ବେଳେ ତାକୁ ଲାଗୁଥିଲା ସେ ଆଉଥରେ ଛେଉଣ୍ଡ ହୋଇଗଲା। ଥପ୍ ଥପ୍ କରି ଲୁହ କେଇବୁନ୍ଦା ଝରିଆସି ଭିଜିଲା ତା ପିନ୍ଧାସାର୍ଟ।

(କ୍ରମଶଃ)

# ଛୋଟ ଛୋଟ ଦୋନାରେ

ମୂଳ ହିନ୍ଦୀ - ବ୍ରଜ ଶ୍ରୀବାସ୍ତବ

ଅନୁସୃଜନ -ମୈତ୍ରେୟୀ କମିଲା



**ଗାଁ** ଯେମିତି ଛୋଟ ଛୋଟ
ଗହମ ଚାରା ଥିଲା
ଲୋକମାନେ ସବୁଜ ସୁନ୍ଦର
ଅଙ୍କୁରିତ ଗହମର ଗଛ ଥିଲେ।
ସେ ସମୟ ମଧ ଶ୍ରାବଣ ମାସ ଥିଲା
ଏବେ ତ ଶ୍ରାବଣରେ ମଧ
ଶ୍ରାବଣ ନାହିଁ।
ବୁଢ଼ୀ ମା ଘରେ ଶୁଭକାମନାର
ରୋପଣ କରୁଥିଲା,
ଏବେ ମାଆ ସହରରେ



ରୋପଣ କରୁଛି,
କ୍ଷେତର ସୁରକ୍ଷା ପାଇଁ
ପ୍ରାର୍ଥନା ସବୁ।
ଆଠ ଦଶ ଦିନ ଭିତରେ
ଏ ସବୁ ଆଶା ଭଳି
ଲହରାନ୍ତି ଛୋଟ ଛୋଟ
ଦୋନାରେ।

(ଏଠାରେ ଦୋନା ମାନେ ଛୋଟ ଛୋଟ ପତ୍ର ଠୋଲା କିଛି ମାଟି ରଖି ଗହମ ବୁଣନ୍ତି)

ନଭୀ ମୁମ୍ବାଇ, ମହାରାଷ୍ଟ୍ର
ଦୂରଭାଷ : ୯୦୨୯୧୯୯୬୫୦

# ପୁଣି ଏକ ସ୍ୱାଧୀନତା ଦିବସ



ଡକ୍ଟର ମନୋରଞ୍ଜନ ବିଷୋୟୀ



**ମ**ହାମାରୀ କରୋନାର
ଆତଙ୍କରେ ଆତଙ୍କିତ
ଦେଶ ପୁଣି ଏକ
ସ୍ୱାଧୀନତା ଦିବସ
ନିରାଡମ୍ବରରେ
ପାଳନ କରିଛି
ଆମ ଜାତୀୟ ପତାକା
ଫର୍ ଫର୍ ହୋଇ ଉଡିଛି
ଆମ ରାଜନେତାଙ୍କ ମୁଖରୁ
ନୀତି ଆଦର୍ଶର ସ୍ୱର
ତାଙ୍କ ଭାଷଣରେ ଶୁଭିଛି
ହେଲେ ସତରେ କି
ଦେଶ ସ୍ୱାଧୀନ ହୋଇଛି?
ଆଜି ଶହ ଶହ ଶିକ୍ଷିତ
ବେକାର ଯୁବକ ଯୁବତୀଙ୍କ
ଚାକିରି କରିବା ବୟସ
ଅତିକ୍ରାନ୍ତ ହୋଇ ଚାଲିଛି
ସମସ୍ତ ଆଶା ସ୍ୱପ୍ନକୁ ହଜାଇ
ମୁଠାଏ ଶୂନ୍ୟତାକୁ ଧରି
ଦାଦନ ଶ୍ରମିକ ସାଜିଛି।
ଆଜି ନାରୀଟିଏ
ବିଚ୍ ବଜାରରେ ଧର୍ଷିତା ହେଉଛି
ପେଟ ବିକଳରେ ଅସହାୟ ମାଆ
ନିଜ ସନ୍ତାନକୁ ବିକ୍ରୀ କରୁଛି
ନିର୍ଯ୍ୟାତିତ ଶିଶୁଙ୍କ କରୁଣ କ୍ରନ୍ଦନରେ
ଫୁଟ୍‌ପାଥ ପ୍ରକମ୍ପିତ ହୋଇଉଠୁଛି
ଆଜି ଶହ ଶହ ଜନତାଙ୍କ
କ୍ଷୁଧାତୁର କରୁଣ ଆଖିଡ଼ୋଳାରେ
ଅଜସ୍ର ସ୍ୱପ୍ନମାନଙ୍କର ମୃତ୍ୟୁ ଘଟି ଚାଲିଛି

ତେଣୁ ପୁଣି ଏକ
ସ୍ୱାଧୀନତା ସଂଗ୍ରାମର ପଦଧ୍ୱନୀ
ଦରିଦ୍ରଙ୍କ ଆଖିର ଲୁହରେ
ବେକାର ଯୁବକ ଯୁବତୀଙ୍କ
ଉଦ୍ଦାମ ରକ୍ତରେ
ଧର୍ଷିତା ନାରୀର କୋହ ଭିତରେ
ନିର୍ଯ୍ୟାତିତ ଶିଶୁର କ୍ରନ୍ଦନ ଭିତରେ
ସ୍ପଷ୍ଟବାରୀ ହୋଇ ପଡୁଛି।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ଦୂରଭାଷ : ୮୮୯୫୧୪୧୭୨୭

# ଆକାଶର ଛାଇ

ବିନୟ ଭୂଷଣ ପାଣିଗ୍ରାହୀ



(ପୂର୍ବପ୍ରକାଶ ଉତ୍ତାରୁ)

ରୁଗା କହେ, "ହଉ ବାପା, କାଲିକି ଆଉକିଛି ଅଧିକ ବେଲ ଯୋଗାଡ କରିଦେବି।" ସେଇ ପଦକ କଥାରେ ମାଗୁଣିର ପେଟ ପୁରିଯାଏ। ବିଭାଘର ପରେ ବୋହୂକୁ ସାଥିରେ ନେଇ ଗଲାପରେ ଗଲାବର୍ଷ ଏଇବେଳକୁ ବୋହୂଟାକୁ ଅସୁବିଧା ଅବସ୍ଥାରେ ଛାଡି ଆସିଥିଲା ବୋଲି ମାଗୁଣି ପୁଅ ଉପରେ କେତେ ବିଗିଡିଥିଲା। ପନ୍ଦର ଦିନ ନ ପୁରୁଣୁ ତାକୁ ବୁଝେଇ ସୁଝେଇ ବିଦା କରି ଦେଇଥିଲା ମାଗୁଣି। ଆଉ, ଏକୁଟିଆ ଅସଜ ମଣିଷଟା ଆଗ ନା ବାପର ଜଳଛତ୍ର ଆଗ? ବାକି ଦିନତକ ଏକୁଟିଆ କଷ୍ଟେମଷ୍ଟେ ସମ୍ଭାଳି ନେଲା।।

ବୟସ ହେଲାପରେ ଦିହରୁ ବଳ ହଟିଲାଣି। ବାଡିଖଣ୍ଡେର ସାହାରାରେ କେତେ ଆଉ ଚଲାବୁଲା କରିହେବ! ଗଲା ଦଶରା ବେଳକୁ ପୁଅ, ବୋହୂ, ନାତି ସମିସ୍ତେ ଆସିଥିଲେ। ପୁରାପୁରି କୋଡିଏ ଦିନ ରହି ଗଲାବେଳକୁ ମାଗୁଣି ରୁଗାକୁ କହିଥିଲା, "ବାପାରେ, ଏତେଦିନ ରହିଗଲୁ, ମଇନା କଟିଲେ ତିନିପ୍ରାରୀ କୁଟୁମ୍ବ ଚଳେଇବୁ କମିତି। ସେଥିରେ ପୁଣି କଅଁଳା ଛୁଆଟେ ଅଛି। ମାସେ-ଦେଢ଼ମାସ ଚଳିବା ମୁତାବକ ଚୁଡା-ଚାଉଳ ନେଇଯା। ଗାଡିରେ ତ ଯିବ, କୋଉ କାନ୍ଧରେ କାନ୍ଧେଇକି ନଉନୁ ନା ଭାର କରି ନଉନୁ ଯେ ଦିହମୁଣ୍ଡ ପରାସ ହେବ।" ରୁଗା ସବୁ କରିପାରେ ମାତ୍ର ବାପାର କଥା କାଟିପାରେନାହିଁ। କାହିଁକି ପାରେନା ତା'ର କାରଣ ମଧ ତାକୁ ଜଣାନାହିଁ। ନିଜେ ବାପା ହେଇ ସାରିଲାପରେ ଯେତେ ଖୋଜିଲେ ବି ନିଜ ଭିତରେ ମାଗୁଣି ପରିକା ବାପାଟିଏ ଖୋଜି ପାଏନାହିଁ ସେ। ମନେମନେ ଭାବେ, "ଏମିତି ବାପ ତୁଳନାରେ ଭଗବାନ କେତେ ସାନ ସତେ!" ଆଉଗୋଟେ କଥା କହିବି କହିବି ବୋଲି ଭୁଲିଯାଇଥିଲି। କ'ଣ କରିବି ଆଉ, ଏଇ ଖିଆଲ ରହୁନି ବୋଲି ସବୁକଥାରେ ଅଖଞ୍ଜ ହେଉଛି। ହଉ ଶୁଣେ, ଭାବିଚି ଏ ବର୍ଷ ମାସସାରା ଛତର ନଦେଇ ପଣା ସଂକ୍ରାନ୍ତି ଦିନକୁ ମିଶେଇ ମୋଟ ପାଞ୍ଚଦିନ ଲାଗି ଦେବି। ଆଉ ଆଗଭଳି ଲୋକ କୋଉ ପାଦରେ ଚାଲିଚାଲି ଯାଉଛନ୍ତି, ପ୍ରାୟ ସମିସ୍ତେ ତ ଗାଡି-ମୋଟରରେ ଯାଉଛନ୍ତି। କେବଳ ସେଇ ବିଷୁବ ସଂକ୍ରାନ୍ତି ବେଳେ ଯୋଉ ପାଞ୍ଚଦିନ ପାଟଣ ମଙ୍ଗଳା ମେଳା ଲାଗିବ ସେତିକି ବେଳେ ଗାଡିଘୋଡା ଭିଡ ହେବାକୁ ନଥିଲା ଲୋକ କିଛି ପାଦରେ ଚାଲିଚାଲି ଯିବେ। ଦିନ ଚାରି-ପାଞ୍ଚଟା ପାଇଁ ତୁ ସେଠି ପିଲାଛୁଆଙ୍କୁ ଛାଡି କାହିଁକି ଅଯଥାରେ ପଡିଉଠି ଆସିବୁ କହିଲୁ। ଜମାରୁ ବ୍ୟସ୍ତ ହେବୁନାହି, ମୁଁ ଏକୁଟିଆ ଚଳେଇନେବି ଏଥର। ଗାଁ'ପିଲା କାହାକୁ କହିଲେ ସାଜ ସରଞ୍ଜାମ ଟିକେ ନେଇ ଚାଳିଆ ପାଖରେ ରଖିଦେଇ ଆସିବେ ନି! "- ମାଗୁଣି କହିଲା।

କଥାଟା କାହିଁକି କେଜାଣି ରୁଗାର ମନକୁ ବେଶ ପାଇଲା। ସେ କହିଲା, "ହଉ ବାପା, ଏଥର ତମ କଥା ମୁଁ ମାନିନେଇଛି ସତ, ହେଲେ ତମକୁ ବି ମୋର ଗୋଟେ କଥା ମାନିବାକୁ ହେବ।" ବ୍ୟସ୍ତହୋଇ ମାଗୁଣି କହିଲା, "ଆରେ କହୁନୁ କଣ କହିବାକୁ ଚାହୁଁଛୁ। ତୁ କହିବୁ, ତୋ ବାପା କଣ ନାହିଁ କରିଦେବ! କହ ବାପ କହ।" ରୁଗା ଅଳ୍ପଟିକେ ହସି କହିଲା, "ନାଇଁ ବାପା ତମେ ହଁ କହିଲା ପରେ ଯାଇ ମୁଁ ସେକଥା କହିବି। ଆଉଗୋଟେ କଥା, ତମେ ରାଣ ଖାଇବ ନାହିଁ।"

"ହେଲା ବାବା, ତୁ ଯା'କହିବୁ ମୁଁ ସେଇୟା କରିବି। ରାଣ ଖାଇନାହିଁ। ଏବେ ହେଲେ କହ।"



-କହିସାରି ରୁଗାଠାରୁ କଥାଟା ଶୁଣିବାକୁ ବ୍ୟସ୍ତ ହେଇଉଠିଲା ମାଗୁଣି। ମାଗୁଣିର ହାତକୁ ବାଁ'ହାତରେ ଧରି ଡାହାଣ ହାତରେ ଧୀରେ ଧୀରେ ଆଉଁସୁ ଆଉଁସୁ ରୁଗା କହିଲା, "ବାପା, ତମକୁ ଏଠି ଗାଁ'ରେ ଛାଡି ଏତେ ଦୂରରେ ରହି ମୁଁ କେତେ କଷ୍ଟ ପାଉଛି ସେକଥା କେମିତି କହିଲେ ତମେ ବୁଝି ପାରିବ ମୁଁ ଜାଣି ପାରୁନି। ଖାଇ ବସିଲେ ତମ ମୁହଁ ଆଖି ସାମ୍ନାକୁ ଆସିଯାଉଛି, ଭାତଗୁଣ୍ଡା ମୁହଁକୁ ନେବାକୁ ଇଛା ହେଉନାହିଁ। ଶୋଇବାକୁ ଗଲେ ନିଦ ହେଉନାହିଁ। ତମେ ନିଜେ କୁହ ବାପା, କେମିତି ହେବ? ତମକୁ ଛାଡିଦେଲେ ମୋର ବୋଲି ଏ ଦୁନିଆରେ ଆଉକିଏ ଅଛି ଯେ! ମୋତେ ମୋ କର୍ତ୍ତବ୍ୟ କରିବାରୁ ଆଉ ବଞ୍ଚିତ କରନା ବାପା। ମୁଁ ଆଉ ତମ ରାଣ-ନିୟମ କିଛି ଶୁଣିବିନି, ବୈଶାଖ ମାସ ଶେଷ ସରିକି ଆସି ତମକୁ ମୋ ପାଖକୁ ନେଇଯିବି। ମୋ' ରାଣ ଖାଇ କୁହ ବାପା, ତମେ ମୋ ସାଥିରେ ଯିବ।" ଦୁଇ ଆଖିରୁ ତା'ର ଆବଡା ଖାବଡା ଗାଲର ଖୁଣ୍ଟାଖୁଣ୍ଟା ଧଳା ଦାଢ଼ି ମଝିରେ ସିଆର କାଟି ଦୁଇଧାର ଲୁହ ନିଗିହି ଆସିଲା ପାଳ ଛପର ଉପରୁ ଅଦିନିଆ ବରଷା ପାଣି ଏକମୁହାଁ ତଳକୁ ବୋହି ଆସିବା ପରି। କୌଣସି ପ୍ରକାରେ କୋହ ଅଟକେଇବାର ପ୍ରୟାସ କରି ବିଫଳ ହେଉଥିଲା ସେ। ପରିଶେଷରେ ତା'ର ବାଷ୍ପରୁଦ୍ଧ ଗଳାରୁ ଆବେଗ ଆପ୍ଲୁତ ସ୍ୱର ବାହାରିଲା, ହିଁ, ଯିବି, ନିଶ୍ଚେ ଯିବି ତୋ ସାଥିରେ। ଜୀବ ଯିବାଯାକେ ରହିବି ମୋ ଧନ ପାଖରେ। ଏତକ କହିସାରି ଗାମୁଛାରେ ଲୁହତକ ପୋଛି ପକେଇ ରୁଗା ମୁଣ୍ଡକୁ ଆଉଁସି ଦେଇ ଉଠି ଠିଆହେଲା ମାଗୁଣି।

ଆଠ-ଦଶଦିନ ହେଲାଣି ଗାଁ ଗଣ୍ଡା, ସହର-ବଜାର, ରାସ୍ତାଘାଟ ସବୁଆଡେ ମଶାଣିଘାଟ ପରି ସୁନଶାନ। କୋଉଠି ବି ଚିହ୍ନା ମୁହଁ ଗୋଟେ ଦେଖିବାକୁ ମିଳୁନାହିଁ। ମଣିଷ ଦେଖିବା ତ ଦୂରର କଥା ଗାଈଗୋରୁଙ୍କୁ ମଧ ଗୁହାଳଭିତରୁ ବାହାର କରୁନାହାନ୍ତି କେହି। ଘଡିଏ ଦିଘଡି ଅନ୍ତରରେ ପୋଲିସ ଗାଡି ସାଇରନ ବଜାଇ ଗାଁ'ଦାଣ୍ଡ ଦେଇ ପକା ସଡକ ଉପରକୁ ବାହାରି ଯାଉଛି। ସକାଳରୁ ସଞ୍ଜ ଭିତରେ ଦୁଇ-ତିନିଥର ପ୍ରଚାର ଗାଡି ବୁଲୁଛି। ଡାକବାଡି ଯନ୍ତ୍ରଣୁ ଶୁଭୁଛି, "ସାବଧାନ, କରୋନା ମହାମାରୀ ରୂପ ନେଇଛି। ଯିଏ ଯେଉଁଠି ଅଛନ୍ତି ସେଇଠି ରୁହନ୍ତୁ, ବାହାରକୁ ବାହାରିବାର ଭୁଲ କରନ୍ତୁ ନାହିଁ। ଏ ମହାମାରୀର ଔଷଧ ନାହିଁ। ପଦାକୁ ଗୋଡ କାଢ଼ିଲେ ମହାବିପଦ। ସରକାର ଆଦେଶ ଦେଇଛନ୍ତି, ଯିଏ ବି ପଦାକୁ ବାହାରିବେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଘରେ ରୁହନ୍ତୁ, କରୋନାରୁ ବଞ୍ଚନ୍ତୁ।"

(କ୍ରମଶଃ)








ନବନୀତ ମହାସୁଆର
ଷ୍ଟାଣ୍ଡାର୍ଡ-୨
ଭକ୍ତକବି ମଧୁସୂଦନ ସ୍କୁଲ,
ପୁରୁଣା ଭୁବନେଶ୍ୱର






ମନ୍ମଥ କୁମାର ପ୍ରଧାନ
ଷ୍ଟାଣ୍ଡାର୍ଡ- ୮
ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ
ଭୁବନେଶ୍ୱର







# ସାମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ଜରୁରୀ ବୈଠକ



**ନରସିଂହପୁର :** ନରସିଂହପୁର ବ୍ଲକରେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଏକ ଜରୁରୀ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଲଘୁଚାପ ଜନିତ ବର୍ଷା ହେବା ଫଳରେ ମହାନଦୀ ସହିତ ବିଭିନ୍ନ ନାଳ ଗୁଡିକରେ ବହୁ ପରିମାଣରେ ଜଳ ରହିଥିବା ଯୋଗୁଁ ଜମି ଏବଂ ବିଭିନ୍ନ ଅଞ୍ଚଳ ଗୁଡିକ ଜଳମଗ୍ନ ହୋଇରହିଛି। ଉକ୍ତ ଜରୁରୀ ବୈଠକରେ ସାମ୍ଭାବ୍ୟ ବନ୍ୟାକୁ କିପରି ମୁକାବିଲା କରାଯାଇ ପାରିବ ସେ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ପରେ ଦାଇତ୍ୱ ପ୍ରଦାନ କରାଯାଇଥିଲା। ଏଥିନେଇ ବ୍ଲକ ପରିସରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲା ଯାଇଥିବା ବେଳେ ଏହାକୁ ୨ ଟି ଜୋନରେ ବିଭକ୍ତ କରାଯାଇଛି। ପ୍ରଥମ ଜୋନରେ ନରସିଂହପୁର ତହସିଲଦାର ଆକାଶ ରଞ୍ଜନ ସାହୁ ତଦାରଖ କରିବାକୁ ଥିବା ବେଳେ ଦ୍ୱିତୀୟ ଜୋନରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ରଞ୍ଜନ ସ୍ୱାଇଁ ତଦାରଖ ନେଇ ଆଲୋଚନା ହୋଇଥିଲା। ଏଥି ନେଇ କମଳାଡିହ , କାଠଖୁଣ୍ଟ, ପଞ୍ଚମା, ଫୁଲପଡା, ପଦାମାଳ ଏକତାଳ, ଓ ବାଲିଝରୀ ସ୍କୁଲ ଗୁଡିକରେ ସ୍ୱତନ୍ତ୍ର ଆଠଟି ବାତ୍ୟା ଆଶ୍ରୟ ସ୍ଥଳ ଖୋଲାଯାଇଛି। ଏହା ପ୍ରାୟ ୧୪୦ ୦ ଲୋକଙ୍କ ରହିବା ପାଇଁ ଉଦ୍ଦିଷ୍ଟ ରହିଅଛି। ଏଥି ସହିତ ଉକ୍ତ ଦୁଇଟି ଟିମରେ ୨୯ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ବ୍ଲକରେ ଚାଉଳ ୧୨୦୬୭ କ୍ୱିଣ୍ଟାଲ, ଗହମ ୨୧୧୬ କ୍ୱିଣ୍ଟାଲ ସଂଗୃହିତ ଥିବା ବେଳେ କିରୋସିନ ୧ ଲକ୍ଷ ୧୬ ଲିଟର ଏବଂ ଗୁଡ ୧୦୦ କ୍ୱିଣ୍ଟାଲ ବ୍ଲକରେ ସଂଗୃହୀତ ରହିଥିବା ବ୍ଲକ ଯୋଗାଣ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ସୂଚନା ଦେଇଥିଲେ। ବର୍ତ୍ତମାନ ହୀରାକୁଦ ଡ୍ୟାମରେ ୪୦ଟି ଗେଟ୍ ଖୋଲାଯାଇଥିବା ଯୋଗୁଁ ଆଜି ରାତ୍ର ୧୦ ଟା ସୁଦ୍ଧା ୧୦ ଲକ୍ଷ କ୍ୟୁସେକ ଜଳ ମହାନଦୀର ବଡମୁଳ ଦେଇ ଏ ଅଞ୍ଚଳକୁ ଛୁଇଁବ। ବର୍ତ୍ତମାନ ନରସିଂହପୁର ବ୍ଲକର ଓଡଶିଙ୍ଗା ଗ୍ରାମକୁ ପାଣି ଘେର ମାଡୁଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ତେବେ ସେ ଅଞ୍ଚଳର ଲୋକମାନଙ୍କୁ ତୁରନ୍ତ କିଭଳି ସ୍ଥାନାନ୍ତରିତ କରାଯିବ ବିଧାୟକ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ଯଦିଓ ବନ୍ୟା ପରିସ୍ଥିତି ଉପୁଜେ ଏଥିରେ ୧୨ ଟି ଜିପିର ୨୦ ଟି ଗ୍ରାମ ସମ୍ପୁର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିବାର ଆକଳନ କରାଯାଇଛି। ଉଦ୍ୟାନ ବିଭାଗ ପକ୍ଷରୁ ୧୮୦୦ ପନିପରିବା ମଞ୍ଜି କିଟ୍ ରଖାଯାଇଛି। ପ୍ରାଣୀ ବିଭାଗ ପକ୍ଷରୁ ବ୍ଲକ ଭେଟେନୋରୀ ଅଫିସର ଙ୍କ ସୂଚନା ମୁତାବକ ରିପୋର୍ଟ ଅନୁଯାୟୀ ୨୧ ଟି ପଞ୍ଚାୟତ ର ୬୪ ଟି ଗାଁ ବନ୍ୟାର ପରିସ୍ଥିତିରେ ପ୍ରଭାବିତ ହେବାପରେ ୧୪୪୩୩ ଗୋ ସମ୍ପଦ ଏବଂ ୧୩୫୫୫ ଛେଳି ମେଣ୍ଢା ମାନଙ୍କ ପାଇଁ ୪୩୦୦୦ ମେଟ୍ରିକ ଟନ୍ ଖାଦ୍ୟର ଆବଶ୍ୟକରା ରହିଛି। ବନ୍ଧବାଡ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀ ସୁଚନା ଦେଇଛନ୍ତି ଯେ ଚକ୍ରଗଡ ଏବଂ ମାନପୁର ଠାରେ ବନ୍ଧର ଦୁର୍ବଳତା ନେଇ ସେଠାରେ ବାଲିବସ୍ତା ପ୍ୟାକିଂ ର ବ୍ୟବସ୍ଥା ହୋଇଛି। ଏଥି ସହିତ ନଦୀ ଅବବାହିକା ଅଞ୍ଚଳରେ ରହୁଥିବା ପ୍ରତ୍ୟକ ପରିବାରଙ୍କୁ ସତର୍କତା ସହିତ ରହିବା ପାଇଁ ସୁଚନା ପ୍ରଶାସନ ପକ୍ଷରୁ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ସହକାରୀ ଯନ୍ତ୍ରୀ ଦିଲ୍ଲିପ କୁମାର ବେହେରା, ଡବ୍ଲୁଇଓ ରବିନାରାୟଣ ମିଶ୍ର, ସୁଶାନ୍ତ କୁମାର ମିଶ୍ରଙ୍କ ସମେତ ବ୍ଲକ ରାଜସ୍ୱ, ଶିକ୍ଷା ବିଭାଗର ସମସ୍ତ କର୍ମକର୍ତ୍ତା ଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାନଦୀ ...

ଉପର ମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବା ଦ୍ୱାରା ହୀରାକୁଦ ଜଳଭଣ୍ଡାରକୁ ଅଧିକ ପରିମାଣରେ ପାଣି ପ୍ରବେଶ କରୁଛି। ତେଣୁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବିଶେଷଜ୍ଞଙ୍କ ସହ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ୪୬ଟି ଗେଟ ଖୋଲାଯିବା ଫଳରେ ରିଜର୍ଭର ମ୍ୟାନେଜମେଣ୍ଟ ସୂଚାରୁ ରୂପେ ସମ୍ପାଦିତ ହୋଇପାରିବ ବୋଲି ଏସ୍ଆର୍ସି ସୂଚନା ଦେଇଛନ୍ତି। ରବିବାର ସକାଳେ ବନ୍ୟାଜଳ ମୁଣ୍ଡଳିଠାରେ ପହଞ୍ଚିବା ପରେ ସେଠାରୁ ମହାନଦୀ ଡେଲ୍ଟା ସିଷ୍ଟମ ମାଧ୍ୟମରେ ନିଷ୍କାସିତ ହେଉଛି। ବନ୍ୟାଜଳ ନରାଜ ଦେଇ କାଠଯୋଡ଼ି, ଦେବୀ, ଦୟା, ଭାର୍ଗବୀ, କୁଆଖାଇ ନଦୀରେ ପ୍ରବାହିତ ହେବାକୁ ଥିବାବେଳେ ଯୋବ୍ରା ଆନିକଟରୁ ବିରୂପା, ଚିତ୍ରୋତ୍ପଳା ନଦୀ ଦେଇ ମଧ୍ୟ ବନ୍ୟାଜଳ ପ୍ରବାହିତ ହେବ। ଏହାଦ୍ୱାରା କଟକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହେବ ବୋଲି ଏସ୍ଆର୍ସି ଆଶଙ୍କା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ନରାଜଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଜଣାପଡ଼ିଛି। ଏଠାରେ ବିପଦ ସଙ୍କେତ ୨୬.୪୧ ମିଟର ଥିବା ବେଳେ ବନ୍ୟାଜଳ ୨୬.୭୫ ମିଟରରେ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ରାଜ୍ୟର ପ୍ରମୁଖ ୫ଟି ନଦୀରେ ବନ୍ୟାସ୍ଥିତିରେ ସୁଧାର ଆସିଥିବା ବେଳେ କେବଳ ବ୍ରାହ୍ମଣୀ ନଦୀ ଦ୍ୱାରା ସୃଷ୍ଟ ପରିସ୍ଥିତି ଅପରିବର୍ତ୍ତିତ ରହିଥିବା ଏସ୍ଆର୍ସି ଶ୍ରୀ ଜେନା ସୂଚନ ଦେଇଛନ୍ତି। ବ୍ରାହ୍ମଣୀ ନଦୀରେ ବର୍ତ୍ତମାନ ଜଳସ୍ତର ବଢୁଥିବା ବେଳେ ଏହାର ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ଡେରାବିଶ ଅଞ୍ଚଳର ବ୍ୟାପକ ଅଞ୍ଚଳ ଜଳବନ୍ଦୀ ହୋଇ ରହିଛି। ତେବେ ବ୍ରାହ୍ମଣୀ ନଦୀ ପାଇଁ ଯାଜପୁରର ଜେନାପୁରଠାରେ ୨୩.୦୦ ମିଟର ବିପଦ ସଙ୍କେତ ଥିବା ବେଳେ ଏଠାରେ ଜଳସ୍ତର ବିପଦ ସଙ୍କେତର ୩୦ ସେଣ୍ଟିମିଟର ତଳେ ପ୍ରବାହିତ ହେଉଛି। ବାଲେଶ୍ୱରରେ ସୁବର୍ଣ୍ଣରେଖାରେ ବନ୍ୟା ପରିସ୍ଥିତି ସୁଧୁରିଥିବା ବେଳେ ଏଠାରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବିପଦ ସଙ୍କତ ୧୦.୩୬ ମିଟର ଥିବା ବେଳେ ଏହା ବର୍ତ୍ତମାନ ୯.୬ ମିଟରରେ ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ନଦୀରେ ବିପଦ ସଙ୍କେତ ୮୦୧୩ ମିଟର ଥିବା ବେଳେ ବର୍ତ୍ତମାନ ଏହା ୬.୨୨ ମିଟର ପ୍ରବାହିତ ହେଉଛି। ବୈତରଣୀ ନଦୀରେ ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ଏଠାରେ ବନ୍ୟାଜଳ ୧୭.୬ ମିଟରରେ ପ୍ରବାହିତ ହେଉଛି। ଅଧିକାଂଶ ଜିଲ୍ଲାରେ ବର୍ଷାଜନିତ ବନ୍ୟା ଫଳରେ କୃଷି ଜମିରେ ପାଣି ଜମି ରହିଛି। ପ୍ରାଥମିକ ଆକଳନ ଅନୁସାରେ ପ୍ରାୟ ୮ ଲକ୍ଷରୁ ଅଧିକ ଲୋକ ଏବଂ ୩ଲକ୍ଷ ପ୍ରାଣୀ ସମ୍ପଦ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରାୟ ୮ ହଜାର ଘର ଭାଙ୍ଗିଛି ଓ ୩ଲକ୍ଷ ହେକ୍ଟର ଚାଷ ଜମି ପାଣିରେ ବୁଡିରହିଛି। ସବିଶେଷ ବିବରଣୀ ମିଳି ନଥିଲେ ବି ବନ୍ୟା ଛାଡ଼ିଲେ କ୍ଷୟକ୍ଷତିର ଆକଳନ କରାଯାଇ ଘର ଭଙ୍ଗା ସହାୟତା ଓ ତୁରନ୍ତ ରିଲିଫ ସାମଗ୍ରୀ ନିୟମ ଅନୁସାରେ ବଣ୍ଟନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାପାଳ ତ୍ୱରିତ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟ ସ୍ଥଳୀରେ ଖାଦ୍ୟପାନୀୟ ବ୍ୟବସ୍ଥା କରାଯିବା ସହିତ ବନ୍ୟାଞ୍ଚଳରେ ୧୪ଟି ଓଡ୍ରାଫ ଓ ୧୫ ଏନ୍ଡିଆରଏଫ୍ ଟିମ୍ ନିୟୋଜିତ ଅଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶବ ବାହିନୀକୁ ମଧ୍ୟ ମୁତୟନ କରାଯାଇଥିବା ଜଣାପଡିଛି।

### ରାଜ୍ୟ ଗୁଡିକ ...

ସାମିଲ ହେବାକୁ ଥିବା ଲୋକମାନେ ସାମାଜିକ ଦୂରତା, ଥର୍ମାଲ ସ୍କ୍ରିନିଂ, ମାସ୍କ ଓ ହାତ ଧୋଇବା ନିୟମକୁ କଡାକଡି ଭାବେ ପାଳନ କରିବେ। ବାହାଘର କାର୍ଯ୍ୟ ପାଇଁ ଏବେ ୫୦ ଓ ଶୁଦ୍ଧିକ୍ରିୟାରେ ୨୦ଜଣ ସାମିଲ ହୋଇପାରିବେ। ତେବେ ସେପ୍ଟେମ୍ବର ୨୦ ପରେ ଉଭୟ କାର୍ଯ୍ୟ ପାଇଁ ୧୦୦ ଜଣଙ୍କୁ ସାମିଲ ହେବା ପାଇଁ ଅନୁମତି ମିଳିବ। ସେପ୍ଟେମ୍ବର ୨୧ରୁ ମୁକ୍ତାକାଶ ରଙ୍ଗମଞ୍ଚ ଖୋଲିବାକୁ ମଧ୍ୟ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ତେବେ ପୂର୍ବଭଳି ଅନଲକ-୪ରେ ମଧ୍ୟ ସମଗ୍ର ଦେଶରେ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସେପ୍ଟେମ୍ବର ୩୦ଯାଏ ସ୍କୁଲ, କଲେଜ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଅନଲାଇନ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ବ୍ୟବସ୍ଥା କରାଯିବ। ସ୍କୁଲକୁ ୫୦% ଶିକ୍ଷକ ଆସିବେ, ଅନ୍ଲାଇନ୍ ଶିକ୍ଷାଦାନ କରିବେ। ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ପାଇଁ ଅନୁମତି ମିଳିବ। ସ୍କୁଲ ଯିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିଭାବକଙ୍କଠାରୁ ଲିଖିତ ଅନୁମତି ନେବାକୁ ପଡିବ। ଶିକ୍ଷକଙ୍କଠାରୁ ପାଠ ବୁଝିବାକୁ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ସ୍କୁଲ ଯାଇପାରିବେ। ଆଇଟିଆଇ ଗୁଡିକରେ ଟ୍ରେନିଂ ଦେବାକୁ ସେପ୍ଟେମ୍ବର ୨୧ରୁ ଅନୁମତି ମିଳିବ। ସର୍ବସାଧାରଣ ସ୍ଥାନ, କାର୍ଯ୍ୟକ୍ଷେତ୍ର, ଗାଡିରେ ଯିବା ବେଳେ ମାସ୍କ ଜରୁରୀବ। ସର୍ବସାଧାରଣ ସ୍ଥାନରେ ପରସ୍ପର ଭିତରେ ୬ ଫୁଟ ଦୂରତ୍ୱ ରଖିବା ଆବଶ୍ୟକ। ଦୋକାନରେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରଖିବେ ଦୋକାନୀ। ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ। ମାସ୍କ, ସାମାଜିକ ଦୂରତ୍ୱ ପାଳନ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସୁଇମିଂ ପୁଲ ଓ ଥିଏଟର ମଧ୍ୟ ସେପ୍ଟେମ୍ବର ୩୦ଯାଏ ବନ୍ଦ ରହିବ। ଅନ୍ୟପକ୍ଷରେ କଣ୍ଟେନମେଣ୍ଟ ଜୋନରେ ସେପ୍ଟେମ୍ବର ୩୦ଯାଏ ଲକଡାଉନ ପାଳନ କରାଯିବ। କେନ୍ଦ୍ର ସରକାର ଜାରି କରିଥିବା ଅନ୍ଲକ୍-୪ ଗାଇଡ୍ଲାଇନ୍ରେ ଅଧିକାଂଶ କୋହଳ କଣ୍ଟେନମେଣ୍ଟ ଜୋନ୍ ବାହାର କାର୍ଯ୍ୟ କରିଛନ୍ତି। କରୋନା ମହାମାରୀ ସଂକ୍ରମଣକୁ ନଜରରେ ରଖି କଣ୍ଟେନମେଣ୍ଟ ଜୋନ୍ରେ କଟକଣା କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କଣ୍ଟେନମେଣ୍ଟ ଜୋନ୍ ବାହାର ରାଜ୍ୟ ସରକାର ଲକ୍ଡାଉନ୍ ଘୋଷଣା କରିପାରିବେ ନାହିଁ ବୋଲି ଏହି ଗାଇଡ୍ଲାଇନ୍ରେ ସ୍ପଷ୍ଟ ଉଲ୍ଲେଖ ରହିଛି। ପୂର୍ବରୁ କେନ୍ଦ୍ର ସରକାର ଏହି କ୍ଷମତା ରାଜ୍ୟ ସରକାରମାନଙ୍କୁ ଦେଇଥିଲେ। ମାତ୍ର ଏହାକୁ ଅନ୍ଲକ୍-୪ରେ ପ୍ରତ୍ୟାହାର କରିନିଆଯାଇଛି। କୌଣସି ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସରକାର ରାଜ୍ୟ, ଜିଲ୍ଲା ସବ୍ଡିଭିଜନ, ସହର ଓ ଗ୍ରାମାଞ୍ଚଳରେ କଣ୍ଟେନମେଣ୍ଟ ଜୋନ୍ ବାହାରେ ଲକ୍ଡାଉନ୍ ଘୋଷଣା କରିପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ଅନୁମୋଦନ ବିନା ଏପରି କରାଯାଇପାରିବ ନାହିଁ ଏହି ଗାଇଡ୍ଲାଇନ୍ରେ ଦର୍ଶାଯାଇଛି।

### ଘରୋଇ ହସ୍ପିଟାଲରେ...

ବ୍ୟବସ୍ଥା କରିବେ। ପଜିଟିଭ୍ ଚିହ୍ନଟ ପରେ ତାଙ୍କୁ କୋଭିଡ୍ ବେଡକୁ ସ୍ଥାନାନ୍ତରିତ କରାଯିବ। ତେବେ, ଏଥିପାଇଁ ଘରୋଇ ମେଡିକାଲରେ ହେଉଥିବା ସମସ୍ତ ଖର୍ଚ୍ଚ ନିଜେ ଆକ୍ରାନ୍ତ ବହନ କରିବେ। କେବଳ ନିଜ ଖର୍ଚ୍ଚରେ ଚିକିତ୍ସା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କୁ ଘରୋଇ ହସ୍ପିଟାଲ ଚିକିତ୍ସା କରିବେ। ଏନେଇ କୌଣସି ସରକାରୀ ସହାୟତା ପ୍ରଦାନ କରାଯିବ ନାହିଁ। ଘରୋଇ ହସ୍ପିଟାଲ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍-୧୯ ନିୟମ ଅନୁଯାୟୀ ରୋଗୀଙ୍କ ଚିକିତ୍ସା କରିବେ। ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ, ସାନିଟାଇଜର, ପିପିଇ କିଟ୍ ମହଜୁଦ ରଖିବେ। ଅଣ-ସଂକ୍ରମିତ ରୋଗୀଙ୍କୁ ଯେଭଳି କରୋନା ନ ବ୍ୟାପିବ ସେନେଇ ଘରୋଇ ହସ୍ପିଟାଲ ପଦକ୍ଷେପ ନେବେ। କରୋନା ସଂକ୍ରମିତଙ୍କ ଚିକିତ୍ସାରେ ନିୟୋଜିତ କର୍ମଚାରୀ ସମସ୍ତ ସୁରକ୍ଷା ଉପକରଣ ବ୍ୟବହାର କରିବା ସହ ୧୪ଦିନ ଡ୍ୟୁଟି ପରେ ୧୪ଦିନ କ୍ୱାରେଣ୍ଟାଇନରେ ରହିବେ। କ୍ୱାରେଣ୍ଟାଇନ ଅବଧି ଶେଷ ପରେ ପୁଣି କାମରେ ଯୋଗଦେବେ। ଘରୋଇ ହସ୍ପିଟାଲ କରୋନା ସଂକ୍ରମିତଙ୍କ ସମସ୍ତ ଟେଷ୍ଟ ସରକାର ଧାର୍ଯ୍ୟ କରିଥିବା ମୂଲ୍ୟରେ କରିବେ। ତେବେ ଅର୍ଥ ନଦେଇ ପାରିବା ଯୋଗୁଁ କୌଣସି ମୃତଦେହକୁ ଅଟକ ରଖିପାରିବେନି ମେଡିକାଲ କର୍ତ୍ତୃପକ୍ଷ। ପ୍ରତିଦିନ ବିଲ୍ ଆଦାୟ ପାଇଁ ପଦକ୍ଷେପ ନେବେ। ସରକାରଙ୍କ ଗାଇଡଲାଇନ ଅନୁଯାୟୀ କରୋନା ଆକ୍ରାନ୍ତଙ୍କ ସଂସ୍କାର କରାଯିବ। ସମସ୍ତ ଆକ୍ରାନ୍ତଙ୍କ ଡାଟାକୁ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଦେବାକୁ ହେବ। ଆକ୍ରାନ୍ତଙ୍କ ସହ ଜଣେ ସମ୍ପର୍କୀୟ ହସ୍ପିଟାଲ ପରିସରରେ ରହିବେ। ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଥିବା ସ୍ଥାନରେ ସିସିଟିଭି ଲଗାଯିବ।

### ଓଡ଼ିଶା ଋଷୀଙ୍କ ...

ଧାନ କ୍ଷେତରେ ପତ୍ରପୋଡା, ମହିଷା, କାଣ୍ଡବିନ୍ଧା, ବଙ୍କି, ବଙ୍ଗୀ ଆଦି ରୋଗ ଆକ୍ରାନ୍ତ କରୁଥିବା ବେଳେ କେନ୍ଦ୍ର ସରକାର ୫୦ଭାଗ ସବ୍ସିଡ୍ରେ ଯୋଗାଇ ଦେଇଥିବା ଔଷଧ ମଧ୍ୟ ଚାଷୀଙ୍କ ପାଖରେ ପହଞ୍ଚୁନାହିଁ। ଖୋଲା ବଜାରରରୁ ଅଧିକ ଦରରେ ଚାଷୀ ପୋକମରା ଔଷଧ କିଣିବାକୁ ବାଧ ହେଉଛନ୍ତି। କାଳିଆ ଯୋଜନା ନାଁରେ ଓଡ଼ିଶା ଚାଷୀମାନଙ୍କୁ ଅପମାନିତ କରିଥିବା ରାଜ୍ୟ ସରକାର ଅତିକମରେ ବର୍ତ୍ତମାନ ଚାଷ କାର୍ଯ୍ୟର ଘଡିସନ୍ଧି ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ତୁରନ୍ତ କୃଷି ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଚାଷୀଙ୍କ ପାଖରେ ୟୁରିଆ ସାର ଓ ଔଷଧ କିପରି ତୁରନ୍ତ ପହଞ୍ଚିବ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପୁରୋହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି ଜଣାଇଛନ୍ତି।

### ୨୫% କୋଟା ...

ଘରୋଇ ସ୍କୁଲ ଲାଗି କୌଣସି ନିର୍ଦ୍ଦିଷ୍ଟ ଫି' ବ୍ୟବସ୍ଥା ନଥିବାରୁ ନାମଲେଖା ବାବଦରେ ବିଭିନ୍ନ ବ୍ୟବସ୍ଥା ଦର୍ଶାଇ ପିଲାଙ୍କ ଠାରୁ ଟଙ୍କା ଆଦାୟ ହୋଇଥାଏ। ଫଳରେ ଘରୋଇ ସ୍କୁଲରେ ଗରୀବ ପିଲାଟିଏ ପଢ଼ିବା ଅସମ୍ଭବ ହୋଇପଡ଼ିଥିଲା। ତେଣୁ ଏପରି ସମସ୍ୟାର ସମାଧାନ ଲାଗି ଘରୋଇ ସ୍କୁଲରେ ଗରିବ ପିଲାଙ୍କ ଲାଗି ୨୫ପ୍ରତିଶତ ସିଟ୍ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ପ୍ରତିବର୍ଷ ସେହି ସଂରକ୍ଷଣ ସିଟ୍ରେ କେବଳ ଗରୀବ ପିଲାଙ୍କୁ ବଢ଼ିବାର ସୁଯୋଗ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ସଂରକ୍ଷଣ ସିଟ୍ରେ କୌଣସି ଗରିବ ପିଲାଙ୍କୁ ପଢ଼ିବାର ସୁଯୋଗ ନଦେଇ ଏହାକୁ ସ୍କୁଲର ମ୍ୟାନେଜମେଣ୍ଟ ସିଟ୍ ଦର୍ଶାଇ ଅନେକ ସ୍କୁଲର କର୍ତ୍ତୃପକ୍ଷ ଅଧିକ ଫି' ଆଦାୟ କରିଥାନ୍ତି। ପରେ ଏପରି ସମସ୍ୟାର ଅଭିଯୋଗ ମିଳିବା ପରେ ସରକାର ପୁଣି ଏକ ନିୟମ ଲାଗୁ କରିଥିଲେ। ଯେଉଁଥିରେ ୨୫ପ୍ରତିଶତ ସିଟ୍ରେ ଗରିବ ପିଲାଙ୍କୁ ନାମଲେଖାଇବାର ସୁଯୋଗ ନଦେଲେ ସମ୍ପୃକ୍ତ ସ୍କୁଲକୁ ଏନ୍ଓସି ମିଳିବ ନାହିଁ ବୋଲି ମଧ୍ୟ ଦର୍ଶାଯାଇଛି।

### ଜିଲ୍ଲାପାଳଙ୍କୁ ...

ଏଠାରେ ପ୍ରକାଶ ଥାଉକି : ପଂଚାୟତ କାର୍ଯ୍ୟାଳୟ ନିମନ୍ତେ ଜମି ଅଧିଗ୍ରହଣ କରାଯିବା ପରେ ୨୦୧୭-୧୮ ଆର୍ଥିକ ବର୍ଷରେ ଗୃହ ନିର୍ମାଣ ପାଇଁ ୩୪ଲକ୍ଷ ୭୦ହଜାର ଟଙ୍କା ମଂଜୁର ହୋଇଥିଲା । କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ମିଳିବା ସହିତ ୯୦ ଦିନ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଉଲ୍ଲେଖ ରହିଥିଲା । ଅବଧି ସରିବାର ପ୍ରାୟ ୩ବର୍ଷ ପୁରିବା ପରେ ସୁଦ୍ଧା ଏହି ଗୃହ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିଲା । ପରେ ଉକ୍ତ ଗୃହ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ବନ୍ତ ତହସିଲ ଅର୍ନ୍ତଗତ ବଡ଼ବର୍ଚ୍ଛିକୟାଁ ମୌଜାର ଖାତା ନଂ-୫୪୫(ରକ୍ଷିତ)/ଖତିୟାନ ନଂ-୯୭୬/ରକବା-ଏ୦.୫୦/କିସମ-ଉନ୍ନତ ଯୋଜନା ଯୋଗ୍ୟ(ବିଦ୍ୟାଳୟ ନିମନ୍ତେ ସଂରକ୍ଷିତ)ବୋଲି ଉଲ୍ଲେଖ କରାଯାଇଅଛି । ଏବଂ ଚଳିତ ମାସ ୯ତାରିଖ ସୁଦ୍ଧା ହସ୍ତଗତ ତଥ୍ୟ ଅନୁଯାୟୀ ଏ ଜାବତ କାହାରିକୁ ଉକ୍ତ ପ୍ଲଟ ଦିଆଯାଇନଥିବା ମଧ୍ୟ ଉଲ୍ଲେଖ ଅଛି । ବିଦ୍ୟାଳୟ ପାଇଁ ସଂରକ୍ଷିତ ଜାଗାରେ କିପରି ପଂଚାୟତ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବାସହ ଏହି ଅନିୟମିତତାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡ଼ବ୍ଲ୍ୟୁପି(ସି) ୧୭୩୬୦/୨୦ ତା:୨୨/୭/୨୦ରେ ଏକ ଜନସ୍ୱାର୍ଥମାମଲା ଦାୟର କରାଯାଇ ରାଜ୍ୟ ସରକାର,ଓଡ଼ିଶା,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,ସଂପାଦକ,ଭୁବନେଶ୍ୱର,ଜିଲାପାଳ, ଭଦ୍ରକ,ଜିଲାଶିକ୍ଷା ଅଧିକାରୀ,ଭଦ୍ରକ,ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ,ଭଦ୍ରକ ଏବଂ ବ୍ଲକ ଉନ୍ନୟନ ଅଧିକାରୀ ,ବନ୍ତ,ଭଦ୍ରକଙ୍କୁ ପକ୍ଷ କରାଯାଇଥିବା ଜଣାପଡ଼ିଥିଲା ଓ ଏନେଇ ବିସ୍ତୃତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ତା ପରେ ମଧ୍ୟ ସମସ୍ତ ନିୟମକୁ ଉଲଂଘନ କରି ତରବରିଆ ଭାବେ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଓ ସ୍ଥାନୀୟ ସରପଂଚଙ୍କ ଉପସ୍ଥିତରେ ସୋମବାର(୩୦/୭/୨୦)ପଂଚାୟତ ଗୃହ ଛାତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି

## ଜାଲ ପ୍ରମାଣ ପତ୍ରରେ ଚାକିରି

# ଉଚ୍ଚ ନ୍ୟାୟାଳୟଙ୍କ ଜିଲ୍ଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

**ଭଦ୍ରକ :** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପୁରୁଷଣ୍ଡ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାରିଆଲ ଟୁଡୁ ଋକିରୀ ସମୟରେ ବାସସ୍ଥାନ ଓ ଜାତିଗତ ପ୍ରମାଣ ପତ୍ରରେ ଅନିୟମିତତା କରିଥିବା ନେଇ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଠାରେ ଡ଼ବ୍ଲ୍ୟୁପି(ସି)/୨୦୦୯୨/୨୦୨୦ ତା ୧୯/୦୮/୨୦୨୦ରେ ଏକ ମାମଲା ରୁଜୁ କରାଯାଇଥିଲା । ଉକ୍ତ ମାମଲାକୁ ମାନ୍ୟବର ଉଚ୍ଚନ୍ୟାୟାଳୟ ଗ୍ରହଣ କରି ତା୨୪/୦୮/୨୦୨୦ରେ ଭଦ୍ରକ ଜିଲ୍ଲାପାଳଙ୍କୁ ଉକ୍ତ ଶିକ୍ଷକ କରିଥିବା ଅନିୟମିତତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୬ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ: ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ରାଜ୍ୟ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଚେଷ୍ଟିତ ହେଉଥିବା ବେଳେ ଜାଲ ପ୍ରମାଣ ପତ୍ର ଦେଇ ଶିକ୍ଷକତା କରୁଥିବା ଶିକ୍ଷକ ସରକାରଙ୍କ ଯୋଜନାକୁ କେତେ ସଫଳ କରିବେ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭଦ୍ରକ ଜିଲା ବନ୍ତ ବ୍ଲକ ଶିକ୍ଷା ବିଭାଗ ମଧ ଏଥିରୁ ବାଦ ପଡ଼ି ନାହିଁ । ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ସୂଚନାକୁ ଆଧାର କରି ଆଜି ସୁଦ୍ଧା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୨ଜଣ ଶିକ୍ଷକଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଥିବା ଜଣାପଡ଼ିଛି । ୨ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଜାଲ ସିଟି ପ୍ରମାଣ ପତ୍ର ଓ ଅନ୍ୟ ଜଣେ ଜାତିଗତ ପ୍ରମାଣ ପତ୍ରରେ ଅନିୟମିତତା କରିଥିବା ଅଭିଯୋଗରେ ଚାକିରୀରୁ ବହିଷ୍କୃତ ହୋଇଥିଲେ । ସେହିପରି ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ସୂଚନା ଅନୁସାରେ କିଛି ଶିକ୍ଷକ ବାସସ୍ଥାନ ଓ ଜାତିଗତ ପ୍ରମାଣପତ୍ରରେ ଅନିୟମିତତା କରିଥିବାର ଜଣାପଡିଥିଲା । ଏହା ଜଣାପଡ଼ିବା ପରେ ବିଭାଗୀୟ ଅଧିକାରୀଙ୍କୁ ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ପ୍ରମାଣ ପତ୍ର ଦେଇ ଅଭିଯୋଗ କରାଯିବାକୁ ଇତି ମଧ୍ୟରେ ପାଖାପାଖି ୧ ବର୍ଷ ପୂରଣ ହେବାକୁ ବସିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ଶିକ୍ଷକଙ୍କ ପ୍ରତି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏହାକୁ ନେଇ ମାନ୍ୟବର ଉଚ୍ଚନ୍ୟାୟାଳୟରେ ଏକ ମାମଲା ଦାୟର କରାଯାଇଥିଲା । ସୂଚନା ଅନୁଯାୟୀ: ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷଣ୍ଡ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଥିବା ବାରିଆଲ ଟୁଡୁ ନାମକ ଜନୈକ ଶିକ୍ଷକ ତାଙ୍କ ନିଯୁକ୍ତି ସମୟରେ ସରକାରଙ୍କ ପ୍ରଦତ୍ତ ନିୟମକୁ ଉଲଂଘନ କରିଥିବାର ଅଭିଯୋଗ ହୋଇଥିଲା । ସେ ନିଜ ବାସସ୍ଥାନ ଓ ଜାତିଗତ ପ୍ରମାଣପତ୍ରରେ ଅନିୟମିତତା କରି ଭଦ୍ରକ ଜିଲାରେ ଉକ୍ତ ପ୍ରମାଣପତ୍ରରେ ଶିକ୍ଷକତା କରୁଛନ୍ତି । ସୂଚନା ଅଧିକାର ଆଇନ ବଳରେ ଏହି ଅନିୟମିତତା ଜଣାପଡ଼ିବା ପରେ ଏଥିନେଇ ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କ ଠାରେ ସମସ୍ତ ପ୍ରମାଣପତ୍ର ସହ ଆବେଦନ କରାଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଆଜି ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ଠାରେ ଡ଼ବ୍ଲ୍ୟୁପି(ସି)/୨୦୦୯୨/୨୦୨୦ ତା୧୯/୦୮/୨୦୨୦ରେ ଏକ ମାମଲା ରୁଜୁ କରାଯାଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଂପାଦକ, ଭୁବନେଶ୍ୱର, ଜିଲ୍ଲାପାଳ ଭଦ୍ରକ, ଜିଲ୍ଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ, ଭଦ୍ରକ,ଜିଲ୍ଲା ଶିକ୍ଷାଧିକାରୀ, ଭଦ୍ରକ, ବ୍ଲକ ଶିକ୍ଷାଧିକାରୀ,ବନ୍ତ ଭଦ୍ରକ ଓ ବାରିଆଲ ଟୁଡୁଙ୍କୁ ପକ୍ଷ କରାଯାଇଥିଲା ।

# ପ୍ଲାଜମା ଦାନ କରିଥିବା କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



**ବାରିପଦା :** ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ଜିଲ୍ଲାରେ କୋଭିଡ୍ ପରିଚାଳନା ଓ ସତର୍କତା ଏବଂ ସଚେତନତା କାର୍ଯ୍ୟକ୍ରମର ସୁପରିଚାଳନା କରାଯାଇ ଆସୁଅଛି। ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ କ୍ରମେ କୋଭିଡ୍ ରେ ଆକ୍ରାନ୍ତ ଜଟିଳ ରୋଗୀ ମାନଙ୍କ ପାଇଁ ପ୍ଲାଜମା ଥେରାପି ଚିକିତ୍ସା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦେଇ ଏହାର ପ୍ରଚାର ପ୍ରସାର ସଚେତନତା ପାଇଁ କାର୍ଯ୍ୟକ୍ରମକୁ ତରାନ୍ୱିତ କରାଯାଉଛି। କୋଭିଡ୍ରୁ ସୁସ୍ଥ ହୋଇଥିବା ଯୋଗ୍ୟ ବ୍ୟକ୍ତି ମାନଙ୍କ ଠାରୁ ପ୍ଲାଜମା ସଂଗ୍ରହ କାର୍ଯ୍ୟକ୍ରମକୁ ବିଶେଷ ଧ୍ୟାନ ଦେଇ ତ୍ୱରାନ୍ୱୀତ କରାଯଉଛି। ଏହି ପରିପ୍ରେକ୍ଷୀରେ, ମୟୂରଭଞ୍ଜ ଜିଲ୍ଲାରେ ପ୍ଲାଜମା ଥେରାପି ଚିକିତ୍ସା ପାଇଁ ପ୍ଲାଜମା ସଂଗ୍ରହ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ ପ୍ଲାଜମା ଦାନ କରିଥିବା ରାସଗୋବିନ୍ଦପୁର ବ୍ଲକ ଝାଟିଅଡା ଗ୍ରାମର ହରେକୃଷ୍ଣ ଦଳେଇ ଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୂରଭଞ୍ଜ ବିନୀତ ଭରଦ୍ୱାଜ୍ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ପ୍ଲାଜମା ଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ଉତ୍ସ ସାଜିଥିବାରୁ ତାଙ୍କ ସାଧୁବାଦ ଜଣାଇବା ସହିତ ଅନ୍ୟମାନଙ୍କୁ ମଧ ଏ ଦିଗରେ ପ୍ରତ୍ସାହିତ କରିବା ପାଇଁ ପରାର୍ମଶ ନେଇଥିଲେ। ଏଥିସହିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲର ପ୍ଲାଜମା ସଂଗ୍ରହ ଦାୟୀତ୍ୱରେ ଥିବା ଡାକ୍ତର ସିଦ୍ଧାର୍ଥ ଦାସଙ୍କୁ ମଧ ତାଙ୍କ ଦ୍ୱାୟିତ୍ୱ ଓ କର୍ତବ୍ୟ ନିଷ୍ଠା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର, ପି.ଏ.ଆଇ.ଟି.ଏ. ବାରିପଦା ତଥା ଜିଲ୍ଲା କୋଭିଡ୍-୧୯ ନୋଡାଲ ଅଫିସର ବସନ୍ତ କୁମାର ସେଠୀ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ଲାଜମା ଦାତାଙ୍କୁ ଉତ୍ସାହିତ କରିଥିଲେ। ବର୍ତମାନ ସୁଦ୍ଧା ଜିଲ୍ଲାରେ ୪ ଜଣ ପ୍ଲାଜମା ଦାନ କରିଥିବା ବେଳେ, ଆଗାମୀ ଦିନରେ କୋଭିଡ୍ରୁ ସୁସ୍ଥ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍କ୍ରିନିଂ କରାଯାଇ ଯୋଗ୍ୟ ବ୍ୟକ୍ତି ଠାରୁ ପ୍ଲାଜମା ଦାନ କରାଯିବା ପାଇଁ ବିହିତ ପଦକ୍ଷେପ ଜିଲ୍ଲା ପ୍ରସାଶନ ପକ୍ଷରୁ ଗ୍ରହଣ କରାଯାଇଛି।

# ରାକେଶ ରାଜ୍ ଜାନକୀ ବଲ୍ଲଭ ଆଦର୍ଶ କମିଟିର ଜିଲ୍ଲା ସମ୍ପାଦକ

**କରଞ୍ଜିଆ :** କରିଞ୍ଜିଆର ରାକେଶ ରାଜ୍ ଜାନକୀ ବଲ୍ଲଭ ଆଦର୍ଶ କମିଟିର ମୟୂରଭଞ୍ଜ ଜିଲ୍ଲାର ଯୁବ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଏଥିସକାଶେ ସଂଗଠନର ପ୍ରତିଷ୍ଠାତା ସଭାପତି ସୁକୁମାର ରଞ୍ଜନ ପ୍ରଧାନ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ନିଯୁକ୍ତି ପାଇଁ ଶ୍ରୀ ରାଜ ସନ୍ତୋଷ ପ୍ରକାଶ କରି ସଙ୍ଗଠନକୁ ମଜବୁତ କରିବା ସହିତ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ ସମ୍ମାନ ଓ ଆଦର୍ଶକୁ ବଜାୟ ରଖିବେ ବୋଲି ପ୍ରକାଶ କରିଛନ୍ତି। ଶ୍ରୀ ରାଜ ଜଣେ ଦକ୍ଷ ଯୁବ ସଂଗଠକ ତଥା ଜିଲ୍ଲା କଂଗ୍ରେସର ଯୁବ ସମ୍ପାଦକ ଅଛନ୍ତି।

# ଯୁବ ପରିଷଦ ସମ୍ପାଦକଙ୍କୁ ପୋଲିସର ଦୁର୍ବ୍ୟବହାର ଅଭିଯୋଗ

**ନରସିଂହପୁର :** ନରସିଂହପୁର ଯୁବ ପରିଷଦର ସମ୍ପାଦକ ସୁବ୍ରତ ମିଶ୍ରଙ୍କୁ ପୁଲିସ ଅଧିକାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣିଛନ୍ତି। ନରସିଂହପୁର ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମର ସିଲୁ ଧଳଙ୍କ ନାମରେ ରହିଥିବା ଅଭିଯୋଗ କ୍ରମେ ଗତକାଲି ସନ୍ଧ୍ୟାରେ ବାଲିଗୁଡା ଏସଡିପିଓ ମାନସ ରଞ୍ଜନ ବାରିକ ଏକ ତଦନ୍ତ ନେଇ ନରସିଂହପୁର ଥାନାରେ ପହଞ୍ଚିଥିଲେ। ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କାଙ୍କ ସହଯୋଗରେ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଉକ୍ତ ଘଟଣାକୁ ନେଇ ନରସିଂହପୁର ଯୁବ ପରିଷଦ ସମ୍ପାଦକ ସୁବ୍ରତ ମିଶ୍ରଙ୍କ ଘର ଉପରେ ଚଢାଉ କରି ତାଙ୍କୁ ତିନି ଘଣ୍ଟା ଧରି ଥାନାରେ ଜେରା କରିବା ଅନ୍ୟମାମଲାରେ ଫସେଇବା, ତାଙ୍କର ମୋବାଇଲ୍ ଭାଙ୍ଗିବା, ତାଙ୍କର ସାଙ୍ଗ ହିରାସିସ୍ ଦାଶଙ୍କ ଘରେ ଚଢାଉ କରିବା ସହିତ ତାଙ୍କୁ ଦୁର୍ବ୍ୟବହାର କରାଯାଇଛି ବୋଲି ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଏହା ବିରୁଦ୍ଧରେ ସେ ପୁଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ପାଖରେ ଅଭିଯୋଗ ଏବଂ ଜାତୀୟ ମାନବ ଅଧିକାରଙ୍କ ନିକଟରେ ସମାଜରେ ତାଙ୍କ ମାନ ସମ୍ମାନ କ୍ଷୁର୍ଣ୍ଣ ହୋଇଥିବା ଭଳି ଅଭିଯୋଗ ଆଣିବେ ବୋଲି କହିଛନ୍ତି। ତଦନ୍ତ ପାଇଁ ଆସିଥିବା ମାମଲାରେ କୌଣସି ସଂପୃକ୍ତି ନଥାଇ ମତେ ଏଭଳି ମାନସିକ ଯନ୍ତ୍ରଣା ଦେବା ଏବଂ ମୋ ସାଙ୍ଗର ମାଆଙ୍କ ଦେହ ଅସୁସ୍ଥତା ବଢିଯାଇଥିବା ଭଳି କାର୍ଯ୍ୟ ଯୋଗୁଁ ପୁଲିସଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ତେବେ ଏ ଘଟଣା ସଂପର୍କରେ ନରସିଂହପୁର ଥାନା ଅଧିକାରୀ ଶ୍ରୀ ଲେଙ୍କା କହିଛନ୍ତି ଯେ ସିଲୁ ଧଳର ଏକ ସନ୍ଦିଗ୍ଧ ନମ୍ବରକୁ ଯାଞ୍ଚ ପରେ ସୁବ୍ରତଙ୍କ ଫୋନ ନମ୍ବର ଯୋଗେଯାଗରେ ଆସୁଥିବା ଟ୍ରାକ କରାଯାଇଥିଲା। ଏହାପରେ ତାଙ୍କୁ ଥାନାକୁ ଅଣାଯାଇ ପଚରାଉଚରା ପରେ ଛାଡି ଦିଆଯାଇଥିଲା। ତାଙ୍କୁ କୌଣସି ଦୁର୍ବ୍ୟବହାର କରାଯାଇନାହିଁ।

# ସେବା ଓ ଶାନ୍ତିର ଦେବୀ-ମଦର ଟେରେସା



ଅକ୍ଷୟ କୁମାର ରାଉତ

ଦୁଃସ୍ଥ, ପୀଡିତ,ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀ ମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୂଲି ଲାଗି ପଡନ୍ତି ପିଡୀତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ(ଯୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ। ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥିଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତଥିଲେ। ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା)।

ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର ଜଞ୍ଜାଳ ଜନିତ ସମସ୍ତ ଦୁର୍ଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ। ସେ ଛୋଟବେଳରୁ ସତ୍ୟ, ଶାନ୍ତି,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ। ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟୋ ସିଷ୍ଟରମାନଙ୍କ ସହ ଯୋଗ



ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ । ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା।

୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଂଚ ଟଙ୍କା ଧରି ବସ୍ତଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ ' ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା। ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ। ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ।

ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ। ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆନ୍ତି। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିଷର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗିପଡିଥିଲେ।

ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା ' ରାମୋନ୍ ମାଗ୍‌ସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ଢଢଓଓଓ ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆଓାର୍ଡ ' ' ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', ' ଟେମ୍ପଲଟନ୍ ପୁରସ୍କାର', ' ମେଟେର୍ ଏଟ୍ ମାଜିଷ୍ଟ୍ରା ଆଓାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ୍ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ' ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିସ୍ଚାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ "ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ" ପ୍ରଦାନ କରିଥିଲେ। ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ। ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ ' ମିଶନାରୀଜ୍ ଅଫ ଚାରିଟି ' ର ହେଡକ୍ୱାଟର ' ମଦର ହାଉସକୁ ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।







*ପାରାଦ୍ୱୀପଗଡ,କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# 'ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଅନ୍ତୁ ରାଜ୍ୟ ସରକାର'

**ଭୁବନେଶ୍ୱର :** ଦୀର୍ଘ ୨୦ ବର୍ଷ ଶାସନରେ ମୁଖ୍ୟମନ୍ତ୍ରୀ ନୂତନ ନିଯୁକ୍ତି ସୃଷ୍ଟି କରିବାରେ ସଂପୂର୍ଣ୍ଣଭାବେ ବିଫଳ ହୋଇଛନ୍ତି । ଆଉ ଏବେ କରୋନା ସଙ୍କଟ ସମୟରେ ରାଜ୍ୟସରକାର ଠିକା କର୍ମଚାରୀ ମାନଙ୍କୁ ଛଟେଇ କରିବା ପାଇଁ ନିଷ୍ପତି ନେଇଛନ୍ତି । ରାଜ୍ୟସରକାର ରାଜକୋଷରେ ଅର୍ଥ ନଥିବାର ଆଳ ଦେଖାଇ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛନ୍ତି । ଗୋଟିଏପଟେ ରାଜ୍ୟସରକାର ଯୁବକମାନଙ୍କ ପାଇଁ ନିଯୁକ୍ତିକୁ ବନ୍ଦ କରିବାକୁ ଯାଉଛନ୍ତି ଅନ୍ୟପଟେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଆଉ ଥରେ ଅଧିକ ଦରମାରେ ନିଯୁକ୍ତି ଦେଉଛନ୍ତି । ବେକାର ଯୁବକ ଯୁବତୀଙ୍କୁ ରାଜ୍ୟସରକାର ଅଣଦେଖା କରି ସେମାନଙ୍କୁ ଏହି କରୋନା ସଙ୍କଟରେ ଆର୍ଥିକ ସ୍ତରରେ ଆହୁରି ଦୁର୍ବଳ କରିଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ଉମାକାନ୍ତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଠିକା କର୍ମଚାରୀମାନଙ୍କୁ ଛଟେଇ କରିବା ପ୍ରସଙ୍ଗରେ ବିରୋଧୀ ଦଳର ନେତା ପ୍ରତିବାଦ କରିବାରୁ ଅବଧି ସରିଲା ପର୍ଯ୍ୟନ୍ତ ଠିକା କର୍ମଚାରୀମାନେ କାମ କରିବେ ଏବଂ ଏହା ପରେ ଆଉ ସେମାନଙ୍କ ନବୀକରଣ କରାଯିବ ନାହିଁ ବୋଲି ରାଜ୍ୟସରକାର ସୂଚନା ଦେଇଛନ୍ତି । କିନ୍ତୁ ବିଧାୟକ ସଂଜୟ ଦାସବର୍ମା ସରକାରୀ ଅର୍ଥରେ ହେଲିକାପ୍ଟରରେ ବୁଲିବେ । ୫ଟି ସଚିବ କୋଭିଡ ପରିଚାଳନା ତଦାରଖ କରିବା ପାଇଁ ମାତ୍ର ୧୦୦ କିମି ବି ସଡକ ପଥରେ ଯାଇପାରିବେ ନାହିଁ, ସେ ବି ହେଲିକପ୍ଟରରେ ବୁଲି ତଦାରଖ କରିବେ । ପିପିଇ କିଟ, ପିପିଇ ମାସ୍କକୁ ୨ ଗୁଣା ଅଧିକ ଦରରେ କିଣାଯାଇ ପାରିବ । ନିର୍ବାଚନ ବୈତରଣୀ ପାର ହେବା ପାଇଁ ବିଜୁ ଯୁବବାହିନି ଗଠନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । କିନ୍ତୁ ରାଜ୍ୟର ଯୁବକ ଯୁବତୀମାନଙ୍କୁ ପଇସା ଦେଲାବେଳକୁ ସରକାରଙ୍କ ପାଖରେ ପଇସା ନାହିଁ । ରାଜ୍ୟରେ ଘରୋଇ ନିଯୁକ୍ତି ନାହିଁ। ଆଗାମୀ ଦିନରେ ରାଜ୍ୟରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଯୁବକ ଚାକିରୀ ହରାଇବେ । ବିଗତ ୨୦ ବର୍ଷରେ ରାଜ୍ୟରେ ନିଯୁକ୍ତି ଯୋଗାଇ ଦେବା ପାଇଁ ସେହିଭଳି କୌଣସି ବଡଶିଳ୍ପ ଆସିପାରିଲା ନାହିଁ। ମେକ ଇନ ଓଡିଶା ସଂପୂର୍ଣ୍ଣଭାବେ ରାଜ୍ୟରେ ଫେଲ ମାରିଛି । ଏଥିରେ ଯାହା ପୁଜିଂ ନିବେଶ ପାଇଁ ପ୍ରସ୍ତାବ ଥିଲା ତାହାର ୧୦ ପ୍ରତିଶତ ବି ଆସିଲାନି । ଏମିତି ମୁଖ୍ୟମନ୍ତ୍ରୀ ଆଉ କେତେ ଦିନ ଓଡିଶାବାସୀଙ୍କୁ ଏବଂ ଓଡିଆ ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଇବେ? ଚଳିତ ଅଗଷ୍ଟ ୯, ୨୦୨୦ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରାଜ୍ୟରେ ସରକାରୀ ନିଯୁକ୍ତିରେ ଗ୍ରୁପ ବି, ଗ୍ରୁପ ସି ଓ ଗ୍ରୁପ ଡି ପଦବୀରେ ଯେଉଁ ଭଳି ଭାବେ ଠିକାରେ ନିଯୁକ୍ତି ଦିଆଯାଇ ସେମାନଙ୍କୁ ସେମାନଙ୍କର ସର୍ବନିମ୍ନ ଦରମାରୁ ବଂଚିତ କରାଯାଉଛି ଓ ଅନେକକ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ସରକାରୀ କାମ ବି ବିଭିନ୍ନ ଏମ୍ପ୍ଲୟମେଂଟ ଏଜେନସି ଦ୍ୱାରା କରାଯାଉଛି, ଏ ତମାମ ଅସଙ୍ଗତିକୁ ନେଇ ରାଜ୍ୟସରକାରଙ୍କୁ ଜବାବ ଦାଖଲକରିବା ପାଇଁ ନୋଟିସ ଦେଇଛନ୍ତି। ଓଡିଶାରେ ବର୍ତମାନ ରାଜ୍ୟସରକାର ୨୦୧୩ ଠାରୁ ରାଜ୍ୟର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସରକାରୀ ନିଯୁକ୍ତି ନାଁରେ ପ୍ରବଂଚନା ଦେଇ ଆସୁଛନ୍ତି। ପୁର୍ବରୁ ପ୍ରଥମେ




ରାଜ୍ୟସରକାର ୭୫% ବେସ ଲେବେଲ ପଦବୀକୁ ହଟାଇ ଦେଇଥିଲେ । କେବଳ ଗ୍ରୁପ ଏ କୁ ଛାଡିଦେଲେ ବାକି ସମସ୍ତ ଗ୍ରୁପ ବି, ସି ଓ ଡିରେ ଏହି ଛଟେଇ ଆଗରୁ ହୋଇଥିଲା । ସରକାରୀ ନିଯୁକ୍ତିକୁ ରାଜ୍ୟ ସରକାର କମାଇ ରାଜ୍ୟରେ ବେକାର ଯୁବକ ଯୁବତୀମାନଙ୍କୁ ପ୍ରତାରଣା କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ୨୦୧୩ରେ ଏକ ଗେଜେଟ ନୋଟିଫିକେସନରେ ରାଜ୍ୟସରକାର ରେଗୁଲାର ପଦରେ ନିଯୁକ୍ତି ବଦଳରେ ଠିକା ନିଯୁକ୍ତି ଆରମ୍ଭ କଲେ। ଦୁଇ ପ୍ରକାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେଲା । ଗୋଟିଏ ହେଲା ସରକାର ନିଜେ ସିଧାସଳଖ ଓପିଏସସି, ଏସଏସସି, ବିଭିନ୍ନ ବିଭାଗ, କଲେକ୍ଟୋରେଟ ମାଧ୍ୟମରେ ଯେଉଁ ନିଯୁକ୍ତି ଦେଲେ ତାକୁ ଠିକାରେ ଦେଲେ। ଏମାନେ ସମସ୍ତେ ୬ ବର୍ଷ ପାଇଁ ଦୈନିକ ମାତ୍ର ୨୫୦ରୁ ୪୦୦ଟଙ୍କା ମଜୁରି ପାଇ କଂଟ୍ରାକ୍‌ଚୁଆଲ କାମ କରିବେ। ନିୟମିତ ପୋଷ୍ଟରେ ଚାକିରି କରୁଥିବା ଅନ୍ୟ କର୍ମଚାରୀଙ୍କୁ ମିଳୁଥିବା କୌଣସି ସୁବିଧା ଏମାନଙ୍କୁ ମିଳିବ ନାହିଁ କିନ୍ତୁ ସମାନ କାମ ରହିବ । ଯେଉଁଠି ଗ୍ରୁପ ସି ଚାକିରିଆ ପାଇବା କଥା ମାସିକ ୨୧ ହଜାର ଟଙ୍କାରୁ ୩୪ ହଜାର ଟଙ୍କା ସେ ବର୍ତମାନ ପାଉଛି ମାସିକ ମାସ ୮୭୫୦ ଟଙ୍କା । ସରକାର ସେହି ୬ ବର୍ଷରେ ଯେବେ ଚାହିଁବେ ଯେତେବେଳେ ଚାହିଁବେ ବିନାକାରଣରେ ଚାକିରୀରୁ କାଢିଦେଇ ପାରିବେ। ଆଉ ଗୋଟିଏ ପ୍ରକାରର ନିଯୁକ୍ତି ହେଲା ଆଉଟସୋର୍ସିଙ୍ଗ ବା କନସଲଟାନସି ମାଧ୍ୟମରେ। ସରକାର କନସଲଟାନସିଙ୍କୁ ପଇସା ଦେବେ ସେ କନସଲଟାନସି ଠିକାରେ କର୍ମଚାରୀ ଯୋଗାଇବ। କମିଶନ ଆକାରରେ ଭଲ ପଇସା କମାଇବ କନସଲଟାନସି କିନ୍ତୁ ବିଚରା ଚାକିରୀ କରିଥିବା ଯୁବକ ବା ଯୁବତୀଟି କମ ଦରମାରେ କାମ କରିବ। ସେ କନସଲଟାନସି ଗୁଡିକ ଅବସର ପ୍ରାପ୍ତ ଆଇଏଏସ, କେଉଁଠି କେଉଁ ମନ୍ତ୍ରୀ ବା ଆଇଏସଙ୍କ ସ୍ତ୍ରୀ ନାଁରେ ଚାଲିଛି। ସରକାର ଏ ବ୍ୟବସ୍ଥା ଆରମ୍ଭ କରିଛନ୍ତି କେବଳ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ଲାଭ ପହଂଚାଇବା ପାଇଁ। ଏହି ଦୁଇଟି ଯାକ ନିଯୁକ୍ତି ହେଉଛି ସମ୍ପୁର୍ଣ୍ଣ ଅସମ୍ବିଧାନିକ ଯାହାକୁ ନେଇ ମାନ୍ୟବର ହାଇକୋର୍ଟ ଏବେ ରାଜ୍ୟସରକାରଙ୍କୁ ନୋଟିସ ଦେଇଛନ୍ତି । ଏପରିକି ଏହି ନୀତିରେ ରାଜ୍ୟ ସରକାର ନିର୍ଦ୍ଧାରଣ କରିଥିବା 'ବେସ ପେ ଏବଂ ଗ୍ରେଡ ପେ' କୁ ସପ୍ତମ ବେତନ କମିଶନ ଆଧାରରେ କର୍ମଚାରୀଙ୍କୁ ଦିଆଯାଉନାହିଁ, ଯାହାଫଳରେ ପିଛିଲା କର୍ମଚାରୀମାନେ ଏକ ତୃତୀୟାଂଶରୁ କମ୍ ବେତନ ପାଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଆର୍ଟିକିଲ ୧୪- ସମାନତାର ଅଧିକାର। ଆର୍ଟିକିଲ ୧୬ – ସରକାରୀ ଚାକିରୀରେ ସମାନ ସୁବିଧା ଓ ସମାନ ଅଧିକାର। ଏହି ଦୁଇଟି ଯାକରେ ସମାନ କାମକୁ ସମାନ ଦରମା ଆସୁଛି ଯାହାକୁ ରାଜ୍ୟସରକାର ପାଳନ କରୁନାହାଁନ୍ତି। ଏହାଛଡା ଦୁଇଟି ସୁପ୍ରିମକୋର୍ଟରୁ ଲିଙ୍ଗକୁ ବି ରାଜ୍ୟସରକାର ମାନୁନାହାଁନ୍ତି। ଗୋଟିଏ ହେଲା ୧୦ ଏପ୍ରିଲ ୨୦୦୬ରେ ସୁପ୍ରିମକୋର୍ଟର ରାୟରେ କର୍ଣ୍ଣାଟକ ସରକାରକୁ ଦେଇଥିବା ନିର୍ଦ୍ଦେଶ । ସରକାର ସବୁବେଳେ ରେଗୁଲାର ପଦରେ ନିଯୁକ୍ତି ହେବ । ସରକାରଙ୍କ ଯେଉଁ କାମ ଗୁଡିକ ନିୟମିତ ହେଉଛି ଓ ସେଥିପାଇଁ ସେଠାରେ ଚାକିରୀ କରୁଥିବା କର୍ମଚାରୀମାନେ ନିୟମିତ ହାରରେ ଦରମା ଦେବେ। ରାଜ୍ୟ ହେଉଛି ମଡେଲ ଏମ୍ପଲୋୟର ବା ଆଦର୍ଶ ନିଯୁକ୍ତିଦାତା । ସରକାର ନିଯୁକ୍ତି ନାଁରେ ଶୋଷଣ କରିପାରିବେ ନାହିଁ କି ଆଇନ କାନୁନର ଆଳ ଦେଖାଇ କାମକରୁଥିବା କର୍ମଚାରୀ ମାନଙ୍କୁ କମ୍ ଦରମା ଦେଇ ଠକି ପାରିବେ ନାହିଁ । ଆଉ ଗୋଟିଏ ହେଲା ୨୦୧୬ରେ ଯେଉଁଠି ସୁପ୍ରିମକୋର୍ଟ କହିଥିଲେ ସମାନ କାମକୁ ସମାନ ଦରମା। ରାଜ୍ୟସରକାରଙ୍କର କୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ଧାର୍ଯ୍ୟ ମଜୁରିହେଲା ୪୪୮ ଟଙ୍କା । ତାହା ବି ବର୍ତମାନ ଷ୍ଟାଫ ସିଲେକ୍ସନ ପରୀକ୍ଷା ପାସ କରି ଚାକିରୀ କରୁଥିବା ପିଲାଙ୍କୁ ମିଳୁନାହିଁ । ଓଡିଶା ସରକାର ସମ୍ବିଧାନ ଓ ସୁପ୍ରିମକୋର୍ଟର ନିୟମକୁ ବେଖାତିର କରି ଠିକା ନିଯୁକ୍ତି ଦେଇ ଚାଲିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ରାଜ୍ୟସରକାର ରିକ୍ୟୁମେଂଟ ସମେତ କଂଟ୍ରାକ୍‌ଚୁଆଲ ପଲିସକୁ ବନ୍ଦ କରନ୍ତୁ । ଆଉଟସୋର୍ସିଙ୍ଗ ସମେତ ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଅନ୍ତୁ। ସମସ୍ତ ନିଯୁକ୍ତିକୁ ସ୍ଥାୟୀ ନିଯୁକ୍ତି ଓ ନିୟମିତ କର୍ମଚାରୀଙ୍କୁ ଯେତିକି ଦରମା ମିଳୁଛି ସେହି ଦରମାରେ ନିଯୁକ୍ତି ଦିଅନ୍ତୁ । ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ ଯେଉଁଭଳି ପୁନଃ ନିଯୁକ୍ତି ଦିଆଯାଉଛି ତାକୁ ସରକାର ସମ୍ପୁର୍ଣ୍ଣ ବନ୍ଦ କରନ୍ତୁ । ସମସ୍ତ ଘରୋଇ ଶିଳ୍ପ କାରଖାନା ନିଯୁକ୍ତିରେ ଓଡିଶାର ସ୍ଥାନୀୟ ପିଲାଙ୍କ ନିଯୁକ୍ତିକୁ ସୁନିଶ୍ଚିନ୍ତ କରିବା ପାଇଁ ୨୦୦୮ ଓ ୨୦୧୩ରେ ରାଜ୍ୟସରକାର ଘୋଷଣା ଅନୁଯାୟୀ ଅଣକୁଶଳୀ ଓ ଅର୍ଦ୍ଧ କୁଶଳୀରେ ୯୦%, କୁଶଳୀ ଶ୍ରମିକ କ୍ଷେତ୍ରରେ ୬୦%, ସୁପରଭାଇଜର ପଦବୀରେ ୩୦% ସରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି । ଏହା ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ।

# ପ୍ରହସନ ପାଲଟିଛି ସରକାରୀ ଯୋଜନା;ପଞ୍ଚାୟତ ପ୍ରଥମ ପ୍ରକଳ୍ପ ଅଧାପନ୍ତରିଆ



**ଭଦ୍ରକ :** ନୂତନ ଭାବେ ପଂଚାୟତ ଗଠନ ହେବାପରେ ସରକାରଙ୍କ ଅନୁଦାନରେ ନିର୍ମିତ ପ୍ରଥମ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିବା ସରକାରଙ୍କ ପଂଚାୟତ ଗଠନ ଆଭିମୁଖ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଛିକୟାଁ ପଂଚାୟତ ଠାରେ । ସୂଚନା ଅନୁଯାୟୀ:ଗ୍ରାମପଂଚାୟତ ଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବାସହ ଏହାର ସଫଳ ରୂପାୟନକୁ ନଜରରେ ରଖି ଓଡ଼ିଶା ସରକାରଙ୍କ ପଂଚାୟତିରାଜ ବିଭାଗ ପକ୍ଷରୁ ପଂଚାୟତ ପୁର୍ନଗଠନ ଆଇନ ଅନୁଯାୟୀ ୨୦୧୬ ମସିହାରେ ଭଦ୍ରକ ଜିଲା ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତଦନୁସାରେ ବନ୍ତ ବ୍ଲକ ଅଧିନରେ ୨୨ଟି ପଂଚାୟତ ପରିବର୍ତ୍ତେ ୨୫ଟି ପଂଚାୟତ କାର୍ଯ୍ୟ କରିଥିଲା । ତନ୍ମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗକରାଯାଇ ନୂତନ ଭାବେ ବଡ଼ବର୍ଛିକୟାଁ ପଂଚାୟତ ଗଠନ କରାଯାଇଥିଲା । ୬ ଗୋଟି ରାଜସ୍ୱ ଗ୍ରାମ ଯଥା ବଡ଼ବର୍ଛିକୟାଁର ୧୧୮୦ଜଣ, ବିଶଲକଣାର ୧୦୭୪ଜଣ, ଆପ୍ତିରାଷଡ଼ଙ୍ଗୀର ୮୨୦ଜଣ, ରାଉତରାଗଡ଼ିଆର ୭୨୬ଜଣ, କୁସୁନନଗରର ୭୩୫ଜଣ ଓ ଜୟସିଂହପୁରର ୨୧୬ଜଣ ଲୋକସଂଖ୍ୟା ମୋଟ ୪୭୫୧ ଲୋକସଂଖ୍ୟାକୁ ନେଇ ଗଠିତ ହୋଇଥିଲା ଏହି ପଞ୍ଚାୟତ । ନୂତନ ପଂଚାୟତ ଗଠନ ହେବାକୁ ଇତି ମଧ୍ୟରେ ୪ବର୍ଷ ପୁରିବାକୁ ବସିଥିଲେ ସୁଦ୍ଧା ଉକ୍ତ ପଂଚାୟତରେ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଯୋଜନାର ରୂପରେଖକୁ ଦେଖିଲେ ଏହା ସରକାରଙ୍କ ପଂଚାୟତ ଗଠନ ଆଭିମୁଖ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ପଂଚାୟତ ଗଠନ ହେବା ପରେ ଉକ୍ତ ପଂଚାୟତ ଅର୍ନ୍ତଗତ କୁସୁନନଗର ଠାରେ ୨୦୧୭-୧୮ ଆର୍ଥିକ ବର୍ଷରେ ଏକ ଗୋଷ୍ଠିକେନ୍ଦ୍ର ନିର୍ମାଣ ନିମନ୍ତେ ସିଏଫସି ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ମଂଜୁର ହୋଇଥିଲା । ଯାହାକି ଉକ୍ତ ପଂଚାୟତର ପ୍ରଥମ ପ୍ରକଳ୍ପ ବୋଲି ସୂଚନା ମିଳିଛି । ଇତି ମଧ୍ୟରେ ୪ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଉକ୍ତ ପ୍ରକଳ୍ପଟି ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଗ୍ରେଡ଼ବିମରେ ଅଟକି ରହିଛି ପ୍ରକଳ୍ପ ନିର୍ମାଣ । ବିଭିନ୍ନ ପାରିପାଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନକୁ ନେଲେ ଉକ୍ତ ପ୍ରକଳ୍ପ ନିର୍ମାଣ ସ୍ଥାନଟି ପ୍ରକଳ୍ପ ନିର୍ମାଣ ପାଇଁ ଉପଯୁକ୍ତ ହୋଇ ନଥିବା ସ୍ଥଳେ କେଉଁ ପରିସ୍ଥିତିରେ ଏଠାରେ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ତରଫରୁ ମଂଜୁରି ପ୍ରଦାନ କରାଯାଇଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ ପଂଚାୟତ ଅଧିକାରୀମାନେ ସରକାରୀ ଯୋଜନାକୁ ପ୍ରହସନରେ ପରିଣତ ନକରି ପ୍ରକଳ୍ପ ନିମନ୍ତେ ମଂଜୁର ଅର୍ଥର ସଦୁପଯୋଗ କଲେ ପଂଚାୟତବାସୀ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଭାରତର ମହାକାଶ ଗବେଷଣାରେ ଓଡ଼ିଶାର ଭୂମିକା ପ୍ରମୁଖ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ମହାକାଶ ଗବେଷଣା କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଆଣିଥିବା ସଂସ୍କାର ଓଡିଶା ଭଳି ରାଜ୍ୟ ପାଇଁ ସହାୟକ ହୋଇଥିବା ବେଳେ ଓଡ଼ିଶା ଭାରତର ମହାକାଶ ଗବେଷଣାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଛି । ଚାନ୍ଦିପୁର, ବାଲେଶ୍ୱର ଏବଂ ଭଦ୍ରକର ଭାରତରତ୍ନ ଅବଦୁଲ କଲାମ ଦ୍ୱୀପପୁଞ୍ଜ ଭଳି କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ଭାରତର ଅନେକ ଗୌରବମୟ ସଫଳତାର ସାକ୍ଷୀ ହୋଇଛି ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ମହାକାଶ କ୍ଷେତ୍ରରେ ମୋଦି ସରକାରଙ୍କ ସଂସ୍କାର ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଭାରତ ସରକାର ମହାକାଶ ଗବେଷଣା କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ମାର୍ଗରେ ଆଗକୁ ବଢୁଛନ୍ତି। ଭାରତ'ର ମହାକାଶ କ୍ଷେତ୍ରରେ ଉଦାରୀକରଣ ଅପାର ସମ୍ଭାବନାର ସଞ୍ଚାର ଆଣିବା ସହ ଦେଶର ବିକାଶରେ ମହାକାଶ ପ୍ରଯୁକ୍ତିବିଦ୍ୟାରେ ବଡ଼ ଭୂମିକା ଗ୍ରହଣ କରିବ। ଶ୍ରୀ ପ୍ରଧାନ କହିଛନ୍ତି ନୂଆ ମହାକାଶ ବୋର୍ଡ ଇଣ୍ଡିଆନ ନ୍ୟାସନାଲ ସ୍ପେଶ୍ ପ୍ରମୋଶନ ଆଣ୍ଡ୍ ଅଥୋରାଇଜେସନ (ଆଇଏନ୍-ସ୍ପେଶ)ର ପ୍ରତିଷ୍ଠା ମହାକାଶ ବିଶେଷ ଭାବରେ ମହାକାଶ ପ୍ରଯୁକ୍ତିବିଦ୍ୟାର ନୂତନ ଏବଂ ଉଦୀୟମାନ କ୍ଷେତ୍ରରେ ନବସୃଜନ, ଅଭିବୃଦ୍ଧି ଏବଂ ଭାରତକୁ ଆତ୍ମନିର୍ଭର କରିବାରେ ସାହାଯ୍ୟ କରିବ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ 'ନ୍ୟୁ ସ୍ପେସ ଇଣ୍ଡିଆ ଲିମିଟେଡ୍ (ଏନଏସଆଇଏଲ) ମହାକାଶ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ନୂଆ ଦିଗଦର୍ଶନ ଦେବ ଏବଂ ଆମ ମହାକାଶ ଆସେଟର ସର୍ବୋତ୍ତମ ବ୍ୟବହାରକୁ ସ୍ଥାୟୀ କରିପାରିବ। ଷ୍ଟାଟଅପକୁ ସହଯୋଗ କରାଯିବା ବେସରକାରୀ ଉଦ୍ୟୋଗୀଙ୍କ ପାଇଁ ନୂଆ ସ୍ତର ତିଆରି କରିବ ଏବଂ ଏହା ମହାକାଶ ଆସେଟରେ ସାମାଜିକ-ଅର୍ଥନୈତିକର ବ୍ୟବହାରକୁ ପ୍ରୋତ୍ସାହନ ଦେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘକାଳୀନ ଦୂରଦୃଷ୍ଟି ଭାରତକୁ ମହାକାଶ କାର୍ଯ୍ୟକ୍ରମରେ ନୂଆ ପର୍ଯ୍ୟାୟରେ ପହଞ୍ଚାଇବ ଓ ଏହି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଭାରତୀୟ କମ୍ପାନୀ ଗୁଡ଼ିକୁ ବିଶ୍ୱ ମହାକାଶ ଅର୍ଥନୀତିରେ ପ୍ରମୁଖ ଭୂମିକାରେ ଛିଡା କରାଇବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି।

## ଫେଡେରେସନ ଅଫ୍ ପ୍ରାଇଭେଟ୍ ସ୍କୁଲସ, ଓଡ଼ିଶା (ଫେପ୍‌ସୋ) ଗଠିତ

# ଶିକ୍ଷାର ମାନବୃଦ୍ଧି ପାଇଁ ସଂକଳ୍ପ

**ଭୁବନେଶ୍ୱର :** ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଘଟିଥିଲା ବେଳେ ରାଜ୍ୟରେ ଘରୋଇ ବିଦ୍ୟାଳୟ ମାଲିକମାନଙ୍କୁ ସଂଗଠିତ କରି ଏକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଫେଡେରେସନ ଅଫ୍ ପ୍ରାଇଭେଟ୍ ସ୍କୁଲସ, ଓଡ଼ିଶା (ଫେପ୍‌ସୋ) ଗଠିତ ହୋଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ୍ ଚନ୍ଦ୍ରଶେଖର ପତି ସେଟଲର, କେଶବ ଚନ୍ଦ୍ର ଶତପଥୀ ମୁଖ୍ୟ ଉପଦେଷ୍ଟା ରହିଥିଲା ବେଳେ ଅଧ୍ୟକ୍ଷ ରହିଛନ୍ତି ପ୍ରତାପ କୁମାର ଜେନା। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ପତି ଉପାଧ୍ୟକ୍ଷ, ସମ୍ପାଦକ ଓ ପରିଚାଳନା ଟ୍ରଷ୍ଟି ଭାବେ ସତ୍ୟବ୍ରତ ମୀନକେତନଙ୍କୁ ମନୋନୀତ କରାଯାଇଛି। ସଂଗଠନର ଯୁଗ୍ମ ସମ୍ପାଦକ ଭାବେ ପବିତ୍ର ରାଉତରାୟ, ପଲ୍ଲୀ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା ବେଳେ କୋଷାଧ୍ୟକ୍ଷ ଭାବେ ସିକତା ଦାସଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ପବିତ୍ର ରାଉତରାୟ କହିଥିଲେ ଯେ, ମେଧାବୀ ଛାତ୍ରମାନଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ ଏବଂ ଅଭିଭାବକଙ୍କ ମନରେ ଘରୋଇ ବିଦ୍ୟାଳୟ ପ୍ରତି ରହିଥିବା ଭୁଲ ମାନସିକତାରେ ପରିବର୍ତ୍ତନ ଆଣିବା ଦିଗରେ ଏହି ଟ୍ରଷ୍ଟ କାର୍ଯ୍ୟ କରିବ। ଓଡ଼ିଶାରେ ଶିକ୍ଷାର ମାନବୃଦ୍ଧି ସହିତ ସରକାରୀ ସହାୟତାରୁ ବଞ୍ଚିତ ଘରୋଇ ବିଦ୍ୟାଳୟ ଗୁଡିକୁ ଏକାଠି କରି ସେମାନଙ୍କର ସୁପରିଚାଳନା, ଶିକ୍ଷାର ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ସଂଗଠନର ଆଭିମୁଖ୍ୟ ବୋଲି ଜଣାପଡିଛି। ଫେପ୍‌ସୋ ଜରିଆରେ ଘରୋଇ ବିଦ୍ୟାଳୟ ଗୁଡିକ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ସହିତ ଆଗାମୀ ଦିନରେ ରାଜ୍ୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସ୍ତରରୁ ଉଚ୍ଚଶିକ୍ଷା ପାଇଁ ନିଜକୁ କିଭଳି ଭଲ ଭାବେ ପ୍ରସ୍ତୁତ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛି ଫେପ୍‌ସୋ।

# କାଦୁଅ ପଚପଚ ରାସ୍ତାରେ ଆବାସ ନିର୍ମାଣ କାର୍ଯ୍ୟର ତଦାରଖ କଲେ ପିଇଓ



**ଭଦ୍ରକ :** ସରକାରଙ୍କ ନିର୍ଦ୍ଦେଶ ଓ ବିଭାଗୀୟ ଅଧିକାରୀଙ୍କ ଶତ ଚେଷ୍ଟାପରେ ମଧ୍ୟ ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିବାରୁ ଶନିବାର କାଦବରାଙ୍ଗ ପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆ କାଦୁଅ ପଚପଚ ସୁଆଁପଦା ଗ୍ରାମ ରାସ୍ତାରେ ଉକ୍ତ ଗ୍ରାମର ହିତାଧିକାରୀଙ୍କ ଆବାସ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯାଉଥିବାର ଦେଖିବାକୁ ମିଳିଥିଲା । ସୂଚନା ଅନୁଯାୟୀ: ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ଉକ୍ତ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିଲା । ଏନେଇ ବିସ୍ତୃତ ଖବର 'ସମାଜ'ରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ହିତାଧିକାରୀମାନଙ୍କ ଘରକୁ ଘର ଯାଇ କାର୍ଯ୍ୟର ତଦାରଖ କରିଥିଲେ । ଉକ୍ତ ସମୟରେ ମଧ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆ କୁସୁନପୁର ଗ୍ରାମର ଜନୈକ ହିତାଧିକାରୀଙ୍କ ଘରକୁ ଯାଇ ନିର୍ଦ୍ଧାରିତ ସମୟରେ ସେ କିପରି ଗୃହ କାର୍ଯ୍ୟ ସାରିବେ ସେଥିପାଇଁ ତାଙ୍କ ସହ ମିଶି ଇଟା ଯୋଡ଼େଇ କରିବା ସହ ଗୃହ ନିର୍ମାଣ ଶୀଘ୍ର ସାରିବାର ସଂଦେଶ ହିତାଧିକାରୀଙ୍କୁ ଦେଇଥିଲେ । ତାଙ୍କର ଏତାଦୃଶ୍ୟ କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା । ୨୦୨୦-୨୧ ଆର୍ଥିକ ବର୍ଷରେ ପଂଚାୟତକୁ ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟ କୋଭିଡ଼-୧୯ ଯୋଗୁଁ ତ୍ୱରାନ୍ୱିତ ହୋଇପାରୁ ନାହିଁ । କିନ୍ତୁ ହିତାଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ଏହାକୁ ସାରିବା ପାଇଁ ପ୍ରବର୍ତ୍ତାଇବାକୁ ସରକାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହି କାର୍ଯ୍ୟର ତଦାରଖ କରିବା ପାଇଁ ରବିବାର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆ ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ କାଦବରାଙ୍ଗ ପଂଚାୟତ ୧୨ ନଂ ୱାର୍ଡ଼ ଅର୍ନ୍ତଗତ ସୁଆଁପଦା ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ସ୍ଥଳେ ଉକ୍ତ ଗ୍ରାମର ହିତାଧିକାରୀ ଦୁଷ୍ମନ୍ତ ଦାସଙ୍କ ଆବାସ ଗୃହକୁ କାଦୁଅ ପଚପଚ ରାସ୍ତାରେ ତଦାରଖ କରିବାକୁ ଯାଇଥିଲେ । ରାସ୍ତା ଅବସ୍ଥା ଶୋଚନୀୟ ଥିବା ସତ୍ତ୍ୱେ ହିତାଧିକାରୀ ଜଣଙ୍କ ରୁଫ ଲେବୁଲ ପର୍ଯ୍ୟନ୍ତ କାର୍ଯ୍ୟ ସଂପର୍ଣ୍ଣ କରିଥିବାର ଜାଣିବାକୁ ପାଇଥିଲେ।

# ଭିସୁଟ୍‌ରେ ପ୍ରତିଷ୍ଠା ହେବ ମହାକାଶ ଗବେଷଣା କେନ୍ଦ୍ର



**ଭୁବନେଶ୍ୱର :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ପକ୍ଷରୁ ଏକ ଶାଖାକେନ୍ଦ୍ର ଖୋଲିବା ପାଇଁ ଭିସୁଟ୍ ଓ ଇସ୍ରୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଇସ୍ରୋ ଅଧ୍ୟକ୍ଷ ତଥା ବିଶିଷ୍ଟ ମହାକାଶ ବିଜ୍ଞାନୀ ଡ. କେ. ଶିବାନ ବାଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟ ଓ ଭିସୁଟ୍‌ର କୁଳପତି ପ୍ରଫେସର ଅଟଳ ଚୌଧୁରୀ ବୁର୍ଲା ଠାରେ ଉପସ୍ଥିତ ରହି 'ଜିଟ୍ସି ମିଟ୍' ଆପ୍ ଜରିଆରେ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଉଭୟ ପକ୍ଷ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଅନୁସାରେ ଏହି କେନ୍ଦ୍ର ସ୍ଥାପନ ପାଇଁ ଇସ୍ରୋ ସବୁ ପ୍ରକାର ବୈଷୟିକ ପରାମର୍ଶ ସହ ମହାକାଶ ଗବେଷଣା ସୁବିଧା ଥିବା ଏକ ବିଜ୍ଞାନାଗାର ବିକଶିତ କରିବ। ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବାନ୍ କହିଥିଲେ ଯେ, ମହାକାଶ ଗବେଷଣା କ୍ଷେତ୍ରରେ ଭିସୁଟ୍ ଛାତ୍ରଛାତ୍ରୀମାନେ ଆଗ୍ରହ, ଗବେଷଣାରେ ରୁଚି ତଥା ସଫଳତା ଉଲ୍ଲେଖନୀୟ। ଇସ୍ରୋ ନିଜର ବୈଷୟିକ ଜ୍ଞାନକୌଶଳ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦେବା ଫଳରେ ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ଏହି ଜ୍ଞାନ କୌଶଳର ଉପଯୁକ୍ତ ବିନିଯୋଗ କରି ସଫଳ ହେବେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ସଂଜୟ କୁମାର ସିଂ କହିଲେ ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବ ବୈଜ୍ଞାନିକମାନେ ମାର୍ଗଦର୍ଶନ ପାଇବା ସହ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବେ। ଦେଶର ଗ୍ରାମାଂଚଳ ଓ ଛୋଟ ସହରରେ ବହୁ ଯୁବ ପ୍ରତିଭା ଅଛନ୍ତି। ସଠିକ୍ ସୁଯୋଗ ପାଇଲେ ସେହି ଲୁକ୍କାୟିତ ପ୍ରତିଭାମାନେ ଲୋକଲୋଚନକୁ ଆସିପାରିବେ। ଇସ୍ରୋର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ପିଭି ଭେଙ୍କଟାକ୍ରିଷ୍ଣନ୍ ମହାକାଶ ଗବେଷଣା କ୍ଷେତ୍ରରେ ଭିସୁଟ୍‌ର ଛାତ୍ରଛାତ୍ରୀଙ୍କ କାର୍ଯ୍ୟକୁ ପ୍ରସଂଶା କରିଥିଲେ। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଭିସୁଟ୍ ସହ ମିଶି ଇ-ଲର୍ଣ୍ଣିଂ ସେଂଟର ଠାରେ ଏକ ସମ୍ମିଳିତ ଗବେଷଣା କେନ୍ଦ୍ର ଖୋଲିବାକୁ ଯାଉଛି। ମହାକାଶ ଗବେଷରା ନେଇ ଉଭୟ ଅନୁଷ୍ଠାନ ମଧ୍ୟରେ ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା ହେବ। ଭିସୁଟ୍ ଛାତ୍ରଛାତ୍ରୀଙ୍କର ଗବେଷଣାକୁ ନେଇ ଇସ୍ରୋ ତାହା ଉପରେ କାମ କରିବ ଓ ଭବିଷ୍ୟତରେ ମହାକାଶ ଗବେଷଣା କ୍ଷେତ୍ରରେ ଭିସୁଟ୍‌ର ଅବଦାନକୁ ଅଧିକରୁ ଅଧିକ କରିବା ନେଇ ଉଦ୍ୟମ କରାଯିବ ବୋଲି ଭିସୁଟ୍ କୁଳପତି ପ୍ର. ଅଟଳ ଚୌଧୁରୀ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, କୃତ୍ରିମ ରକେଟ୍ ଓ ଉପଗ୍ରହ ମଡେଲ୍ ତିଆରି ପାଇଁ ଆବଶ୍ୟକ ଜ୍ଞାନକୌଶଳ ଇସ୍ରୋ ଯୋଗାଇ ଦେବ। ଭିସୁଟ୍‌ରେ ବିକଶିତ ରକେଟର କାର୍ଯ୍ୟକାରିତା ପରୀକ୍ଷଣ ପାଇଁ ଥୁମ୍ବା, ଶ୍ରୀହରିକୋଟା, ବାଲେଶ୍ୱର ଉତ୍କ୍ଷେପଣ କେନ୍ଦ୍ରରେ ଉପଲବ୍ଧ ସୁବିଧାସୁଯୋଗ ଯୋଗାଇ ଦିଆଯିବ। ଇସ୍ରୋରେ ଉପଲବ୍ଧ ହାଇ-ଟେକ୍ ପରୀକ୍ଷଣର ସୀମିତ ସୁଯୋଗ ମଧ୍ୟ ଭିସୁଟ୍‌କୁ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ଗୁଡିକ ବିକଶିତ କରିବାରେ ସଂପୃକ୍ତ ଛାତ୍ରଛାତ୍ରୀଙ୍କୁ ଇସ୍ରୋ ନିଃଶୁଳ୍କ କିମ୍ବା ରିହାତି ଫି'ରେ ଆବଶ୍ୟକ ପ୍ରଶିକ୍ଷଣ ଯୋଗାଇ ଦେବ। ଏହି ବୁଝାମଣାପତ୍ର ସ୍ୱାକ୍ଷର ପରେ ଭିସୁଟ୍ ଇସ୍ରୋଠାରୁ ମହାକାଶ ଗବେଷଣା ଓ ରକେଟ ତିଆରି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଆହରଣ କରିବା ସୁଯୋଗ ପାଇପାରିବ। ରକେଟ ତିଆରି ପାଇଁ ଭିସୁଟ୍ ଏହାର ସିଭିଲ୍, କେମିକାଲ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଆଦି ସମସ୍ତ ବିଭାଗୀୟ ବିଜ୍ଞାନାଗାରକୁ ବିନିଯୋଗ କରିବ ବୋଲି ସୂଚନା ମିଳିଛି।

# ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ବୃଦ୍ଧିକୁ ମୋଦୀଙ୍କ ପ୍ରାଧାନ୍ୟ

**ନୂଆଦିଲ୍ଲୀ :** ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ସମ୍ବନ୍ଧୀୟ ଭିଡିଓ କନ୍‌ଫରେନ୍ସରେ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ମୋଦୀ କହିଲେ ଯେ, ସରକାର ଭାରତରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ବୃଦ୍ଧି କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। 'ଆତ୍ମ ନିଭର ଭାରତ ଡିଫେନ୍ସ ଇଣ୍ଡଷ୍ଟ୍ରି ଆଉଟ୍‌ରିଚ ୱେବିନାର'ରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅନେକ ବର୍ଷ ହେବ ଭାରତ ଅନ୍ୟତମ ବୃହତ୍ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନକାରୀ ହୋଇରହିଛି। ସ୍ୱାଧୀନ ହେବା ସମୟରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିବାରେ ଭାରତ ବଡ ସାମର୍ଥ୍ୟ ଥିଲା ଏବଂ ୧୦୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପ୍ରତିରକ୍ଷା ସାମଗ୍ରୀ ନିର୍ମାଣର ବାତାବରଣ ପ୍ରତିଷ୍ଠିତ ହୋଇଥିଲା। ଦୁଃଖର କଥା, ଏ କ୍ଷେତ୍ରରେ ଆବଶ୍ୟକ ମୁତାବକ ଧ୍ୟାନ ଦିଆଯାଇପାରିଲା ନାହିଁ। ପ୍ରଧାନମନ୍ତ୍ରୀ ଆହୁରି ମଧ କହିଲେ ଯେ, ଅଟୋମେଟିକ୍ ରୁଟ୍‌ରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ନିମନ୍ତେ ୭୪ ପ୍ରତିଶତ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ନିବେଶକୁ (ଏଫ୍‌ଡିଆଇ) ଅନୁମତି ଦେବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ବୃଦ୍ଧି, ନୂତନ ଜ୍ଞାନ କୌଶଳ ବିକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କୁ ବଡ ଭୂମିକା ଦେବା ନିମନ୍ତେ ଉଦ୍ୟମ ଚାଲିଛି।

PLO T FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି